# ବ୍ୟାସ ବକ୍ତୃତାମାଳା

## ୨୦୨୨-୨୩


ମୁଖ୍ୟ ସମ୍ପାଦକ :

**କ୍ୟାପ୍ଟେନ୍ ପୂର୍ଣ୍ଣଚନ୍ଦ୍ର ସାଇଁ**

ଅଧ୍ୟାପକ, ସଂସ୍କୃତ ବିଭାଗ

ବ୍ୟାସ ବକ୍ତୃତା ମାଳାର

ସଭ୍ୟବୃନ୍ଦ :

**ଜୀବନବନ୍ଧୁ ଦାସ**

ଅଧ୍ୟାପକ, ପ୍ରାଣୀ ବିଜ୍ଞାନ ବିଭାଗ

**ଡ. ଗୋଲକ ବିହାରୀ ମହାକୁଡ**

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ

**ପ୍ରମୋଦିନୀ ତରାଇ**

ଅଧ୍ୟାପିକା, ଅର୍ଥନୀତି ବିଭାଗ

**ସନ୍ଧ୍ୟାରାଣୀ ଦାସ**

ଅଧ୍ୟାପିକା, ସମାଜ ବିଜ୍ଞାନ ବିଭାଗ



**ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ**

ଯାଜପୁର ରୋଡ








**ଶ୍ରୀଯୁକ୍ତ ଅଶୋକ କୁମାର ବଳ**

*ମାନ୍ୟବର ବିଧାୟକ, କୋରେଇ*

## ଶୁଭେଚ୍ଛା ବାର୍ତ୍ତା

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର 'ବ୍ୟାସ ବକ୍ତୃତାମାଳା'ର ସୁଦୀର୍ଘ ପରମ୍ପରା ମୋ ଛାତ୍ରାବସ୍ଥାରୁ ଚାଲିଆସିଛି । ଓଡ଼ିଶାର ଆଗଧାଡ଼ିରେ ଥିବା ବିଦ୍ୱାନମାନଙ୍କର ସମାବେଶ ଓ ସେମାନଙ୍କ ଅଭିଭାଷଣ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ସହରର ବୁଦ୍ଧିଜୀବୀମାନଙ୍କୁ ଉଦ୍‌ବୁଦ୍ଧ କରିଛି । ମନୋଜ ଦାସଙ୍କ ଠାରୁ କୁମରବର ଦାସଙ୍କ ପର୍ଯ୍ୟନ୍ତ ଏହାର ପରିଧି ଓ ପରିସର ବ୍ୟାପ୍ତ । ଚଳିତ ବର୍ଷ ବକ୍ତୃତାମାଳାର ଲିଖିତ ରୂପ ପ୍ରକାଶନ ହେବାକୁ ଯାଉଛି । ଆଜି ମୁଁ ମୋର ଖୁସି ବ୍ୟକ୍ତ କରିବା ସହିତ ଏହାର ସମସ୍ତ ସଫଳତା କାମନା କରୁଛି ।

**ଶ୍ରୀଯୁକ୍ତ ଅଶୋକ କୁମାର ବଳ**







## ଶୁଭେଚ୍ଛା ବାର୍ତ୍ତା

**ଶ୍ରୀଯୁକ୍ତ ପ୍ରଦୀପ କୁମାର ବିଶ୍ୱାଳ**

*ସଭାପତି, ପରିଚାଳନା ପରିଷଦ*

*ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ଼*

ବହୁ ବର୍ଷ ବ୍ୟବଧାନ ପରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨୦୨୨ ମସିହାରେ ବ୍ୟାସ ବକ୍ତୃତାମାଳାରେ ତିନି ଜଣ ବିଶିଷ୍ଟ ବକ୍ତା ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଶ୍ରୀମତୀ ଶଶିପ୍ରଭା ବିନ୍ଧାଣୀ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡଃ କୁମରବର ଦାସ ଏବଂ ବରିଷ୍ଠ ସାହିତ୍ୟିକ ଡଃ ଗୌରହରି ଦାସ, ଯୋଗଦେଇ ନିଜ ନିଜର ଅତ୍ୟନ୍ତ ଉପାଦେୟ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀଗଣ ବହୁ ସଂଖ୍ୟାରେ ଯୋଗଦେଇ ଏହା ଉପଭୋଗ କରିଥିଲେ ଏବଂ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତାତ୍ପର୍ଯ୍ୟ ବିଷୟ ଏହି ଯେ ବକ୍ତା ତିନିଜଣ ନିଜ ନିଜର ବକ୍ତ୍ୟବରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ । ତାହା ଥିଲା ପ୍ରଶ୍ନ କରିବାର ଅଧିକାର । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ସାଂପ୍ରତିକ ସମୟର ଏକ ବଡ଼ ଆହ୍ୱାନ । କହିବା ନିଷ୍ପ୍ରୟୋଜନ ଯେ ଏହି ପ୍ରଶ୍ନ କରିବାର ମାନସିକତାରୁ ଧର୍ମ, ଦର୍ଶନ ଓ ବିଜ୍ଞାନର ସୃଷ୍ଟି । ଏକ ଗଣତାନ୍ତ୍ରିକ ସମାଜର ଏହା ହେଉଛି ମେରୁଦଣ୍ଡ । ଯେଉଁଦିନ ମଣିଷ ପ୍ରଶ୍ନ କରିବାର ଅଧିକାରରୁ ବଂଚିତ ହେବେ ସେଦିନ ସଭ୍ୟତାର ବିଲୟ ଘଟିବ ।

ବଡ଼ ସୁଖର ବିଷୟ ଯେ ମହାବିଦ୍ୟାଳୟ ପକ୍ଷରୁ ଏହି ବକ୍ତୃତାତ୍ରୟର ପ୍ରକାଶନ କରାଯାଉଛି । ଏହା ଫଳରେ ଭବିଷ୍ୟତ ପାଇଁ ଏହାର ସଂରକ୍ଷଣ ହୋଇ ପାରିବ ଏବଂ ସମସ୍ତେ ଏହାଦ୍ୱାରା ଉପକୃତ ହୋଇପାରିବେ । ଏହି ସାଧୁ ଉଦ୍ୟମ ପାଇଁ ଅଧକ୍ଷ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଧନ୍ୟବାଦର ପାତ୍ର । ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଆଶବ୍ୟକ୍ତ କରୁଛି ।

**ଶ୍ରୀଯୁକ୍ତ ପ୍ରଦୀପ କୁମାର ବିଶ୍ୱାଳ**



## ଶୁଭେଚ୍ଛା ବା ର୍ା

**ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ସାଇଁ**

*ଅଧ୍ୟକ୍ଷ*

*ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ଼*

ସଂସାରର ଆବହମାନ କାଳରୁ ଶିକ୍ଷାୟତନ ଗୁଡ଼ିକ ହେଉଛନ୍ତି ମଣିଷ ତିଆରି କାରଖାନା । ଆଧୁନିକ ଯୁଗରେ ଅପସଂସ୍କୃତିକୁ ସଂସ୍କୃତି ବୋଲି ଗ୍ରହଣ କରିଥିବା ଆଜିକାଲିର ବିଦ୍ୟାର୍ଥୀମାନଙ୍କୁ କେବଳ ପୁସ୍ତକଜ୍ଞାନ ଦ୍ୱାରା ଉ ମ ମଣିଷ କରି ଗଢ଼ି ତୋଳିବା ସର୍ବାଦୌ ଅସମ୍ଭବ । ଏହି ପରିପ୍ରେକ୍ଷୀରେ ଆଲୋଚନା ଚକ୍ର ଓ ବକ୍ତୃତାମାଳାର ଆୟୋଜନ କରି ପ୍ରତିଷ୍ଠିତ ବିଦ୍ୱାନମାନଙ୍କର ସାରଗର୍ଭକ ବକ୍ତବ୍ୟ ଦ୍ୱାରା ସେମାନଙ୍କର ଜୀବନକୁ ଉ ମ ତଥା ଉପଯୁକ୍ତ ମାର୍ଗରେ ନିର୍ମାଣ କରିବାର ଗୁରୁଦାୟିତ୍ୱ ହେଉଛି ଶିକ୍ଷାନୁଷ୍ଠାନର । ଖୁସିର ବିଷୟ, ଛାତ୍ରଛାତ୍ରୀମାନଙ୍କର ଜୀବନକୁ ଶୃଙ୍ଖଳିତ କରିବା ସହିତ ସେମାନଙ୍କର ବୁଦ୍ଧିକୁ ପ୍ରଖର ଓ ଜ୍ଞାନକୁ ଶାଣିତ କରିବା ପାଇଁ ଆମ ମହାବିଦ୍ୟାଳୟ ପକ୍ଷରୁ ବ୍ୟାସବକ୍ତୃତାମାଳାର ଆୟୋଜନ କରାଯାଇ ମହାନ୍ ପ୍ରତିଷ୍ଠିତ ବକ୍ତାମାନଙ୍କର ବକ୍ତବ୍ୟକୁ 'ବ୍ୟାସ ବକ୍ତୃତାମାଳା-୨୦୨୨' ନାମରେ ଗୋଟିଏ ସଂକଳନ କରାଯାଇଥିବାରୁ ମୁଁ ବହୁତ ଆନନ୍ଦିତ । ଏଥିପାଇଁ ସମ୍ପାଦକ ଓ ସଭ୍ୟମାନଙ୍କୁ ଶୁଭେଚ୍ଛା । ଆଶା କରୁଛି ଏହି ସଂକଳନଟି ବ ର୍ମାନ ଓ ଭବିଷ୍ୟତପିଢ଼ୀମାନଙ୍କୁ ସେମାନଙ୍କ ଜୀବନ ପଥରେ ଆଲୋକ ବ ର୍କା ହୋଇ ପଥ ପ୍ରଦର୍ଶନ କରିବ ।

—o—

**ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ସାଇଁ**







# MESSEGE

***Dr. Krushna Chandra Pradhan***

*It gives me immense pleasure to know that a souvenir to mark the occasion of VYASA LECTURES-2022 a token of annual intellectual extravaganza of Vyasanagar Autonomous College Jajpur Road is being published so as to record the illustrated deliberations of the dignified speakers.It will certainly inspire the students community and encourage the staff to render their ceaseless efforts in making the college a unique citadel of learning, not of the district of Jajpur but of the whole state of Odisha.After a long break ,the legacy of the great builders of this prestigious institution gains its momentum under the direct supervision of sri Pradeep Kumar Biswal IAS(Retd), the president GB of the college during the academic session 2022-23.No doubt all the three speakers have quenched the intellectual thirst of the students, staff and the public*

***Dr. Krushna Chandra Pradhan***

*Former Principal, Vyasanagar (Auto) College, Jajpur Road*



# ସଂପାଦକୀୟ........

ସ୍ରଷ୍ଟା ଏବଂ ତାଙ୍କର ସୃଷ୍ଟି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଈଶ୍ୱରଙ୍କର ଗୋଟିଏ ଇଛା, ତାଙ୍କ ସୃଷ୍ଟି ଶୃଙ୍ଖଳିତ ଓ ପରମାନନ୍ଦମୟ ହେଉ । ଜଗତରେ ସହାବସ୍ଥାନ କରୁଥିବା ବୃକ୍ଷଲତା ଓ ପ୍ରାଣୀମାନେ ପରସ୍ପର ପ୍ରତି ସହନଶୀଳ ହୋଇ ନିରାମୟ ଜୀବନ ଅତିବାହିତ କରନ୍ତି । କିନ୍ତୁ ବେଳେ ବେଳେ ଦେଖାଯାଏ ଅଜ୍ଞାନତାର ବଶବ ୀ ହୋଇ ଉଶୃଙ୍ଖଳ ଓ ଶିକ୍ଷିତର ଖୋଳପା ମଧ୍ୟରେ ଥିବା କିଛି ଅଶିକ୍ଷିତ ଏବଂ ଅର୍ଦ୍ଧଶିକ୍ଷିତ ସମାଜରେ ସୃଷ୍ଟିର ନିୟମକୁ ଉଲ୍ଲଘଂନ କରି ବିଶୃଙ୍ଖଳା ସୃଷ୍ଟି କରନ୍ତି । ଏଣୁ ବୈଦିକ ଯୁଗରୁ ଗୁରୁକୁଳର ବ୍ୟବସ୍ଥା କରାଯାଇ ବିଶିଷ୍ଟ ଗୁରୁମାନଙ୍କ ଦ୍ୱାରା ଜ୍ଞାନ ବିତରଣ କରାଯାଉଥିଲା । ବାସ୍ତବରେ ବିଦ୍ୟା ଓ ଜ୍ଞାନ ହେଉଛି ସମାଜକୁ ଶୃଙ୍ଖଳିତ କରିବାର ମୂଳ ଆୟୁଧ । ବିଦ୍ୟା ଓ ଜ୍ଞାନର ପରିସରକୁ ବୃଦ୍ଧି କରିବା ପାଇଁ ପ୍ରାଚୀନ କାଳନରୁ ଏ ପର୍ଯ୍ୟନ୍ତ ବହୁ ଗ୍ରନ୍ଥ ଲେଖାଯାଇଛି ଏବଂ ବହୁ ଶିକ୍ଷାନୁଷ୍ଠାନ ଗଢ଼ାଯାଇଛି । ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ମନ୍ଦିରର ଗୋଟିଏ ଉଦ୍ଦେଶ୍ୟ ହେଉଛି- ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଜ୍ଞାନର ପରିସରକୁ ବୃଦ୍ଧି କରିବା । ପୁସ୍ତକ ଦ୍ୱାରା ଜ୍ଞାନର ବିତରଣ ହେବା ସହିତ ତାର ପରିସର ମଧ୍ୟ ବୃଦ୍ଧିହୁଏ, ମାତ୍ର ଆଲୋଚନା ପର୍ଯ୍ୟାଲୋଚନା ଦ୍ୱାରା ଓ ଆହରଣ ବିତରଣ ଦ୍ୱାରା ଜ୍ଞାନର ପରିସର ବୃଦ୍ଧି ହେବା ସହିତ ବ୍ୟକ୍ତିର ବୁଦ୍ଧି ଓ ଜ୍ଞାନ ଶାଣିତ ହୋଇଥାଏ ।

ଜ୍ଞାନ ଓ ବୁଦ୍ଧିର ପରିସରକୁ ବୃଦ୍ଧିକରି ବ୍ୟକ୍ତିକୁ ଶୃଙ୍ଖଳିତ, ମାର୍ଜିତ ଓ ଶାଣିତ କରି ଗଢ଼ିତୋଳିବା ପାଇଁ ବ ମାନ ସମାଜରେ ଶିକ୍ଷାୟତନମାନଙ୍କରେ ସମ୍ମାନ, ଆଲୋଚନଚକ୍ର ଓ ବକ୍ତୃତାମାଳା ପ୍ରଭୃତିର ଆୟୋଜନ ସର୍ବାଦୌ କରଣୀୟ । ଏହି କ୍ରମରେ ଦେଖିଲେ ବ ମାନ ସମାଜରେ ବ୍ୟାସ ବକ୍ତୃତାମାଳାର ପ୍ରାସଙ୍ଗିକତା କେତେ ତାହା ସହଜରେ ଅନୁମେୟ । ଜଣେ ବିଦ୍ୟାର୍ଥୀ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ ଅର୍ଜନ ପାଇଁ ୧୦/୨୦ ଖଣ୍ଡ ବହିପଢ଼ି ବହୁ ସମୟ ବ୍ୟୟ କରି ଅନେକ ପରିଶ୍ରମ କରି ଯେତିକି ଜ୍ଞାନ ହାସଲ କରିପାରେନା, ତାହା ଠାରୁ ଅଧିକ ହାସଲ କରେ ଜଣେ ବାଗ୍ମୀ ପଣ୍ଡିତଙ୍କ ବ୍ୟକ୍ତବ୍ୟରୁ, ତାହା ପୁଣି ଅଳ୍ପ ପରିଶ୍ରମ ଓ ସ୍ୱଳ୍ପ ସମୟ ବ୍ୟୟକରି । ଜଣେ ଜଣେ ସାରସ୍ୱତ ସାଧକ ତାଙ୍କ ଜୀବନର ବହୁମୂଲ୍ୟ ସମୟକୁ ବ୍ୟୟକରି ଗୁଡ଼ାଏ ଗ୍ରନ୍ଥ ଓ ପୁଳା ପୁଳା ଶାସ୍ତ୍ରକୁ ମନ୍ଥନ କରି ତାହା ସହିତ ଦୀର୍ଘ ଜୀବନର ଅନୁଭୂତିକୁ ମିଶାଇ ଯେଉଁ ଅମୂଲ୍ୟ ସମ୍ପଦ ଅର୍ଜନ କରିଥା'ନ୍ତି ତାହା ଗୋଟିଏ ଆଲୋଚନାରେ ଶ୍ରୋତାମାନଙ୍କ ନିକଟରେ ସ୍ୱଳ୍ପ ସମୟରେ ପରଶି ଦିଅନ୍ତି, ଅତି ଶ୍ରଦ୍ଧାରେ ଓ ଆବେଗମୟ ଢଙ୍ଗରେ । ଏତଦ୍ୱାରା ଉଭୟ ଶ୍ରୋତା ଓ ବକ୍ତା କୃତାର୍ଥ ହୁଅନ୍ତି ଏବଂ ଶେଷରେ ଉଭୟଙ୍କର ଜ୍ଞାନର ପରିସୀମା ବୃଦ୍ଧି ହେବା ସହିତ ସଂସାରରେ ସ୍ରଷ୍ଟାଙ୍କର ମୌଳିକ ଲକ୍ଷ୍ୟ ସାଧିତ ହୋଇଥାଏ । ଆଶା କରୁଛି ସ୍ରଷ୍ଟାଙ୍କର ସେହି ମୌଳିକ ଲକ୍ଷ୍ୟ 'ବ୍ୟାସ ବକ୍ତୃତାମାଳା-୨୦୨୨'ର ସଂକଳନ ଦ୍ୱାରା ନିଃସନ୍ଦେହରେ ସାଧିତ ହୋଇଛି ।

—o—

***କ୍ୟାପ୍ଟେନ୍ ପୂର୍ଣ୍ଣଚନ୍ଦ୍ର ସାଇଁ***
*ମୁଖ୍ୟ ସଂପାଦକ, ବ୍ୟାସ ବକ୍ତୃତାମାଳା-୨୦୨୨*





# ସୂଚୀପତ୍ର


| କ୍ର.ନଂ. | ବିଷୟ/ଲେଖକ | ପୃଷ୍ଠା |
|---|---|---|
| ୧. | **ବିଭ୍ରାନ୍ତିକର ତଥ୍ୟରୁ ମୁକ୍ତି !**<br>ଶ୍ରୀମତୀ ଶଶୀପ୍ରଭା ବିନ୍ଧାଣୀ | ୧-୭ |
| ୨. | **ଆଧୁନିକତା ଓ ଆମ ସଂସ୍କୃତି**<br>ପ୍ରଫେସର ଡଃ କୁମରବର ଦାସ | ୮-୧୯ |
| ୩. | **ଜିଜ୍ଞାସା, କଳ୍ପନା ଓ କରୁଣା**<br>ଡଃ ଗୌରହରି ଦାସ | ୨୦-୩୬ |




ତାହାର କାର୍ଯ୍ୟକାରିତା ସହିତ, ଅନେକ ଇ–ପୋର୍ଟାଲରେ ଏମିତି ବିଭ୍ରାନ୍ତିକର ଦେୟ ବା ଜୋରିମାନା ଆଦାୟ ସାଧାରଣ ଜନତାଙ୍କୁ ମଧ୍ୟ ଆତଙ୍କିତ କରିଦେଉଛି । ଦେଶର ଅନେକ ବିଭାଗର କାର୍ଯ୍ୟକ୍ରମ ବା କାର୍ଯ୍ୟକାରିତାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କଲେ ଏଇ ସମସ୍ତ ତଥ୍ୟ ବାହାରକୁ ଆସିବ ଏବଂ ଏହା ବହୁତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ । ଏହି ସମସ୍ତ ଇ–ଧାରାରେ ଯେଉଁ ସମସ୍ତ ବିଭ୍ରାନ୍ତିକର ତଥ୍ୟ ଓ ସୂଚନା ରହିଛି, ଜନସ୍ୱାସ୍ଥ୍ୟ ପାଇଁ ତାହାର ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ଆବଶ୍ୟକ ହୋଇପଡ଼ିଛି । ଯଦିଓ ବିଭିନ୍ନ ଦେଶରେ ଏ ସମ୍ପର୍କିତ ସତର୍କତା ଅବଲମ୍ବନ କରିବା ଆରମ୍ଭ ହୋଇଯାଇଛି । ବିଶେଷ କରି କୋଭିଡ଼–୧୯ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁପରିଚାଳନା, ପ୍ରତିଷେଧକ ଔଷଧ ସମ୍ବନ୍ଧୀୟ ଗବେଷଣା, ସୁଲଭପ୍ରାପ୍ତ ନିୟାମକ, ସ୍ୱଳ୍ପ ମୂଲ୍ୟ ନିର୍ଦ୍ଧାରଣକୁ ଦୃଷ୍ଟିରେ ରଖି ଜାତି, ଧର୍ମ, ଆର୍ଥିକ ଓ ଭୌଗୋଳିକ ସ୍ଥିତି ନିର୍ବିଶେଷର ଉପଲବ୍ଧ ପାଇଁ ଆନ୍ତର୍ଜାତିକ ସ୍ତରରେ ପ୍ରୟାସ ଆରମ୍ଭ ହୋଇଯାଇଛି ।

ଏଠାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥାଟି ଭୁଲିଯିବା ଆଗରୁ କହି ରଖେ କେହି ଆନୁଷ୍ଠାନିକ ଭାବରେ ଏ ସଂପର୍କରେ ଗବେଷଣା କରିଛନ୍ତି କି ନାହିଁ, ତାହା ମୋର ଦୃଷ୍ଟିକୁ ଆସି ନାହିଁ। କିନ୍ତୁ ମୋ ଅଭିଜ୍ଞତା କହେ ଯେ ପ୍ରାୟତଃ ୫୦%ରୁ ଅଧିକ ସୂଚନା ପ୍ରାପ୍ତ ପାଇଁ ଆବେଦନକାରୀ ନିଜ ଭାଷାରେ ଠିକ୍ ଭାବରେ ଲେଖି, ପଢ଼ି ଜାଣି ନଥିଲେ ବି ସୂଚନା ଅଧିକାର ଆଇନ ୨୦୦୫ର ତାତ୍ପର୍ଯ୍ୟ ବୁଝିଛନ୍ତି ଏବଂ ଏହାକୁ ଉପଯୋଗ କରି ନିଜର ଅଧିକାରକୁ ସାବ୍ୟସ୍ତ କରିବାକୁ ପ୍ରୟାସ କରି ଚାଲିଛନ୍ତି । ଏ ପରିପ୍ରେକ୍ଷୀରେ ଯଦି କୌଣସି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଯୁକ୍ତିପ୍ରାପ୍ତ ପ୍ରତିନିଧି ପର୍ଯ୍ୟାପ୍ତ ପ୍ରଶିକ୍ଷଣ ନ ହେବାର ଆଳରେ ନିଜର କାର୍ଯ୍ୟକାରୀ ଦାୟିତ୍ୱର ଅବହେଳାରୁ ଅବ୍ୟାହତି ପାଇବାର ପ୍ରାର୍ଥନା କରନ୍ତି, ତେବେ ଏହା ଶାସନକଳର ସ୍ୱଚ୍ଛତା ଓ କାର୍ଯ୍ୟକାରିତା ପ୍ରତି ଏକ ପ୍ରଶ୍ନବାଚୀ।

ସୂଚନାକୁ ଲୋକାଭିମୁଖୀ କରି ଜନସ୍ୱାର୍ଥ ତଥା ଦେଶ ଗଠନରେ ଲଗାଇବା ପାଇଁ ପୃଥିବୀରେ ପ୍ରୟାସ ଜାରୀ ରହିଛି । ସୁଇଡ଼େନ ହେଉଛି ପ୍ରଥମ ରାଷ୍ଟ୍ର ଯିଏ କି ଏଥିପାଇଁ ଆଇନ ଆଣିଥିଲେ । ଏବଂ ଭାରତବର୍ଷରେ ୨୦୦୫ରେ 'ସୂଚନା ଅଧିକାର ଆଇନ'ର ଧାରା – ୪ ହେଉଛି ଗୁରୁତ୍ୱପୂର୍ଣ୍ଣ । ଏହି ଧାରାର ଉପଧାରା ୧—(ଖ)ର ୧୭ଟି ବିନ୍ଦୁ ହିଁ ଆଇନର ମୁଖ୍ୟ ସ୍ତମ୍ଭ ଭାବରେ ପର୍ଯ୍ୟବେସିତ । କିନ୍ତୁ ପରିତାପର ବିଷୟ ହେଉଛି ଆମ ଦେଶରେ କୌଣସି ଆଇନକୁ ଜାଣିବାର ଅନିଚ୍ଛାର ମାନସିକତା କେଉଁଠି ନା କେଉଁଠି ସ୍ୱାଧୀନତାର ୭୫ବର୍ଷ





# ବିଭ୍ରାନ୍ତିକର ତଥ୍ୟରୁ ମୁକ୍ତି !

## ଶ୍ରୀମତୀ ଶଶୀପ୍ରଭା ବିନ୍ଧାଣୀ

ଆଜି ଡିଜିଟାଇଜ ଦୁନିଆରେ ସାରା ପୃଥିବୀ ଜ୍ଞାତ–ଅଜ୍ଞାତର ଦ୍ୱିବିଧାରେ ସନ୍ତୁଳିତ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଆମେ ମାନେ ସଂକ୍ଷିପ୍ତରେ କିଛି କଥାକୁ ଆଲୋଚନା କରିବା ଏହି ଆଲେଖ୍ୟ ଜରିଆରେ ।

ଆମେ କ'ଣ ପାଇଁ ବହୁତ ବିଷୟରେ ଜାଣିନାହୁଁ । ଆମର ଅଜ୍ଞତାର କାରଣଗୁଡ଼ିକ କ'ଣ ? ବା ଆମ ଭିତରେ ଥିବା ଅଜ୍ଞତାକୁ ନେଇ କାହିଁକି ଓ କେଉଁ ପ୍ରକାର ରାଜନୀତି ଚାଲିଛି ।

ଠିକ ସମୟରେ ଠିକ କଥାକୁ ଠିକ ଲୋକ ଜାଣିବାର ପ୍ରାଥମିକତା ଦେଇ ପୃଥିବୀର ବହୁ ରାଷ୍ଟ୍ର ପ୍ରଚେଷ୍ଟା କରି ଆସିଛନ୍ତି ଏବଂ ଆମର 'ଜ୍ଞାତ'ର ସ୍ଥିତିକୁ ଠିକ୍ ସୂଚନାରେ ପ୍ରତିଷ୍ଠିତ କରିବାପାଇଁ ବିଭିନ୍ନ ରାଷ୍ଟ୍ରମାନେ ନୀତି ଓ ନିୟମ ପ୍ରଣୟନ କରିଛନ୍ତି । ଭାରତବର୍ଷରେ ୨୦୦୫ ଅକ୍ଟୋବର ୧୨ରେ ସେଥିପାଇଁ ସେ ଆଇନର କାର୍ଯ୍ୟକାରିତା ଆରମ୍ଭ ହୋଇସାରିଛି । ଏହି ଜ୍ଞାତ– ଅଜ୍ଞାତ ସହିତ 'ବିଭ୍ରାନ୍ତ ତଥ୍ୟ' ଏଇ ୨୦୨୨ ଦଶନ୍ଧିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଭାବରେ ସାରା ପୃଥିବୀକୁ ଆନ୍ଦୋଳିତ କରିଦେଇଛି । ଆମେ କିନ୍ତୁ କିଛି ବିନ୍ଦୁରେ ଏଇ ସୀମିତ ସମୟରେ ଏହାର ଚର୍ଚ୍ଚା କରିବା । ଏବଂ ଆଗାମୀ ଦିନରେ ସର୍ବସାଧାରଣ ପରିସରରେ ଶିକ୍ଷା ଗବେଷଣା କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ଅଧିକ ଚର୍ଚ୍ଚା ହେଉବୋଲି ପ୍ରସ୍ତାବ ରଖିବା ଏବଂ ଆମେମାନେ ମଧ୍ୟ **Agnotology**, Right To Information ଏବଂ Rule of Law କଥା ମଧ୍ୟ ହେବା ।

ଡିଜିଟାଲ ଦୁନିଆରେ ସାରା ପୃଥିବୀ ପରସ୍ପର ସହିତ ଖୁବ ନିବିଡ଼ ଭାବରେ ସଂଯୁକ୍ତ ବୋଲି ଆମେ ଗୋଟେ ଆତ୍ମପ୍ରତ୍ୟୟରେ ଅଛୁ । ଆଖି ପିଛୁଳାକେ ମାନେ ଗୋଟିଏ ସେକେଣ୍ଡରୁ ମଧ୍ୟ କମ୍ ସମୟ ମଧ୍ୟରେ ଜଣେ ଅନ୍ୟ ଜଣକ ସହ ଯୋଗାଯୋଗ କରିପାରୁଛୁ, ବ୍ୟକ୍ତି ବ୍ୟକ୍ତି ସହ, ବ୍ୟକ୍ତି ତଥ୍ୟ ଓ ସୂଚନା ସହ । ଆଉ କାହା କାହା ସହିତ କେମିତି କେତେ ସମୟ ମଧ୍ୟରେ ସଂଯୁକ୍ତ ହେଉଛି, ତାକୁ ଏଠାରେ ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ ।

କିନ୍ତୁ ତଥ୍ୟ ଏବଂ ସୂଚନା ସବୁବେଳେ ଜଣକୁ ସଶକ୍ତ ଓ କ୍ଷମତାଶାଳୀ କରିଥାଏ । ଭୁଲ ତଥ୍ୟ ଓ ସୂଚନା ଜଣକୁ ଯେତିକି ବିଭ୍ରାନ୍ତ କରିଥାଏ, ସେତିକି ଦୁର୍ବଳ ମଧ୍ୟ କରି ଦେଇଥାଏ । ଏହାଦ୍ୱାରା ମଣିଷ ଏକ ସମ୍ବେଦନଶୀଳ ସ୍ଥିତିକୁ ଆପଣାର କରିନେଇଥାଏ । ସଶକ୍ତ ହେବା ପରିବର୍  ସେ ମୁଖ୍ୟସ୍ରୋତରୁ ନିଜକୁ ଅସଜଡ଼ା କରି ନିଜ ଅଜାଣତରେ ବିକ୍ଷିପ୍ତ ଏବଂ ଅସଂଜତ ହୋଇଯାଏ । ଗହଳ ଚହଳ ଦୁନିଆରେ ବିଚରଣ କରିଲେ ମଧ୍ୟ ମିଛ ଓ ଅସହାୟବୋଧରେ ବଂଚିବାକୁ ହୋଇଥାଏ ।

କିନ୍ତୁ ଏଇଟା ନିହାତି ଭାବରେ ସତ୍ୟ ଯେ ଏହି ସଂଯୋଗ ସହ ଆମେ ବହୁତ ଭାବରେ ଗମ୍ଭୀରତାର ସହିତ ବିଚ୍ଛିନ୍ନ । ମଣିଷ ମାନସିକ ସ୍ତରରେ, ତା ୍ୱିକ ଭାବରେ କ୍ରମଶଃ ମୂଳ ସ ାରୁ ଦୂରେଇ ଯାଉଛି । ଏକ ଭାସମାନ ବସ୍ତୁରେ ପରିଣତ ହୋଇଛି । କିନ୍ତୁ ନିଉଟନଙ୍କ ତ ୍ୱ ଅନୁସାରେ କେବଳ ପାର୍ଥିବ ସ୍ତରରେ ସଂଯୁକ୍ତ ।

ବୌଦ୍ଧିକ, ମାନସିକ, ସାମାଜିକ ଓ ମନସ୍ତା ୍ୱିକ ସଂଯୋଗ ସ୍ତରରେ ଆଜି ବହୁତ ପ୍ରଶ୍ନବାଚୀ । ଏମିତି ଦେଖିବାକୁ ଗଲେ ଆମେମାନେ କୌଣସି ନା କୌଣସି ଭାବରେ ୨୪x୭ ସଂଯୁକ୍ତ । ଶୟନ, ସପନ, ଜାଗରଣରେ ଆମ୍ଭେମାନେ ଡିଜିଟାଲ ଦୁନିଆରେ ବନ୍ଦୀ । ଏବଂ ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଆମେମାନେ ପୂର୍ବାପେକ୍ଷା 'ବିଭ୍ରାନ୍ତକର ତଥ୍ୟ' ଓ ସୂଚନାର ବଳୟରେ ଏତେ ମାତ୍ରାରେ ନିବିଷ୍ଟ ଯେ ନିଜର ଦୈନନ୍ଦିନ ଜୀବନ, ପରସ୍ପର ସଂପର୍କ ତଥା ସାମାଜିକ ଓ ବୈଷୟିକ କାର୍ଯ୍ୟସ୍ଥଳରେ ବିଭ୍ରାନ୍ତମୁକ୍ତ ହେବା ପାଇଁ ଅହରହ ସଂଘର୍ଷ ଜାରୀ ରଖିଛୁ । ଆମେ କାହିଁକି ଏଠାରେ 'ବିଭ୍ରାନ୍ତମୁକ୍ତ' ଉକ୍ତିର ଅବତାରଣା କରୁଛୁ । କାରଣ ଯେଉଁ ଭାବରେ ଆମ୍ଭେମାନେ ଗୋଟିଏ ସଂଯୁକ୍ତ ପୃଥିବୀରେ ଥାଇ ଅସଂଯୁକ୍ତ, ନିଃସ୍ୱ ଓ ଅସହାୟ ମନେ କରୁଛୁ; କେଉଁଠି ନା କେଉଁଠି ଆମେମାନେ ଏପରି ଭାବରେ ବିଭ୍ରାନ୍ତ ହୋଇଛୁ ଯେ ନିତିଦିନର ପ୍ରତିକ୍ରିୟା ରହୁଛି ଏବଂ ତାହା ନକାରାତ୍ମକ ଢଙ୍ଗରେ ଆମ ମାନସିକତାକୁ ପ୍ରଭାବିତ କରିଚାଲିଛି ।

ଆମ୍ଭେମାନେ ଏପରି ଏକ ବିଭ୍ରାନ୍ତକର ସୂଚନା ଓ ତଥ୍ୟର ଅବଧାରଣାରେ ଆକ୍ରାନ୍ତ ହୋଇଛୁ ଏବଂ ଏପରି ଏକ ବିଚ୍ଛିନ୍ନ ପରିସର ଭିତରେ ଆବଦ୍ଧ ହୋଇଯାଇଛୁ ଯେ ସେଥିରୁ ମୁକ୍ତ ହେବାପାଇଁ କଷ୍ଟସାଧ ହୋଇପଡ଼ିଲାଣି । ଡିଜିଟାଲ ବିଶ୍ୱରେ ଏମିତି ସବୁ ଭ୍ରାନ୍ତ ସୂଚନା ଓ ତଥ୍ୟ ଅହରହ ମଣିଷର ବୌଦ୍ଧିକ ତଥା ମାନସିକ ସ୍ୱତନ୍ତ୍ରତାକୁ ଅସ୍ତବ୍ୟସ୍ତ କରିପକାଇଛି ।





ଇଂରାଜୀରେ ସମାଜ ବିଜ୍ଞାନର ଏକ ତତ୍ତ୍ୱ Agnotology ଏବେ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ଆମେ sociology of scientific ignorance ମଧ୍ୟ କହିପାରିବା ଏବଂ ଏହାକୁ ମଧ୍ୟ ଆମେ practice of obstracting information ବୋଲି ନାମିତ କରିପାରିବା । ଇଂରାଜୀ ଅଭିଧାନ ଅନୁସାରେ Agnotology ହେଉଛି ଇଚ୍ଛାକୃତ ଭାବରେ ଅଜ୍ଞତାକୁ ଏକ ସାମାଜିକ ପ୍ରକ୍ରିୟାରେ ଜବରଦସ୍ତ କରି ଗୋଟିଏ ପ୍ରକାରର ଧାରା ସୃଷ୍ଟି କରିବା । ଏ ସମ୍ପର୍କରେ ଆହୁରି ଅଧ୍ୟୟନ କଲେ ଜଣାପଡ଼େ, ଏହାର ମୂଳ ଉତ୍ପତି ଆମେରିକାର ଗୋଟାଏ ଟବାକୋ କମ୍ପାନୀର ବିଜ୍ଞାପନକୁ ନେଇ ହୋଇଥିଲା । ଯେଉଁଠି ବିଜ୍ଞାପନରେ ଧୂମ୍ରପାନର ମଜାଦାର ଅନୁଭବଟିକୁ ସ୍ପଷ୍ଟ ଭାବରେ ରଖାଯାଇ ଧୂମ୍ରପାନର ସ୍ୱାସ୍ଥ୍ୟପ୍ରତି ଥିବା କୁପ୍ରଭାବକୁ ସ୍ପଷ୍ଟ କରାଯାଇ ନଥିଲା । ଆଜି ଦିନରେ ଏହିପରି ଅନେକ ତଥ୍ୟ ସୂଚନା ମାଧ୍ୟମରେ ସ୍ପଷ୍ଟ ଭାବରେ ଦେବା ପରିବର୍  ଲୋକଙ୍କୁ ଅଜ୍ଞତାରେ ରଖି ତଥ୍ୟକୁ ଅସମ୍ପୂର୍ଣ୍ଣ ଭାବରେ ସୂଚିତ କରାଯାଉଛି । ତଥ୍ୟ ପରିବେଷଣ ଓ ସୂଚନା ପ୍ରଦାନରେ ସାଧୁତାର ଅଭାବ ତଥା ତଥ୍ୟରେ ସତ୍ୟତାର ସମୃଦ୍ଧତାକୁ ବଜାୟ ରଖିବା ପାଇଁ ସେପରି ଯଥେଷ୍ଟ ନୀତି ବା ନିୟମ ବା ଆଇନଗତ ଅଙ୍କୁଶର ଅଭାବର ସୁଯୋଗ ନେଇ ବିଭିନ୍ନ ସଂସ୍ଥା ଓ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଫାଇଦା ନେଇ ଚାଲିଛନ୍ତି ।

ଏହା କେତେ ମାତ୍ରାରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହେଉଛି, ଆଗାମୀ ଦିନରେ ଏହା ଗବେଷଣାର ପର୍ଯ୍ୟାୟଭୁକ୍ତ । ସମୟ କ୍ରମରେ, ବିଜ୍ଞାନର ପରାକାଷ୍ଠା ଓ ଜ୍ଞାନକୌଶଳର ଉନ୍ନତିକରଣରେ ବିଭିନ୍ନ ନୂତନ ପ୍ରକ୍ରିୟାକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାହା କେତେ ଭାବରେ ଜନସ୍ୱାର୍ଥ ସମ୍ବଳିତ, ଲୋକାଭିମୁଖୀ ହୋଇପାରିବ; ତାହା ମଧ୍ୟ ସାରା ପୃଥିବୀରେ ଗବେଷଣା ଓ ଆଲୋଚନାର ପରିସରଭୁକ୍ତ ହେଉଛି । ଏହି ସମସ୍ତ ବନ୍ଦୋବସ୍ତ ସ େ୍ୱ ଜନସାଧାରଣ ନିଜର ଆପ ି ଅଭିଯୋଗର ସମାଧାନ ନିମନ୍ତେ କୌଣସି ପ୍ରକାରର ଉପଶମର ମାର୍ଗ ଖୋଜି ପାଇବାରେ ଏବେ ମଧ୍ୟ ଦିଶାହୀନ ହୋଇପଡ଼ିଛନ୍ତି । ବିଶେଷ କରି ଆର୍ଥିକ କାରବାର ଯାହାକି ବ୍ୟାଙ୍କିଂ ଅଥବା ଜୀବନବୀମା ସମ୍ବନ୍ଧୀୟ ସୂଚନା ଯଥେଷ୍ଟ ଭାବେ ସାଧାରଣ ଲୋକଙ୍କ ବୁଝିବା ଭାଷାରେ ଉପଲବ୍ଧ ନଥିବାରୁ ସେମାନେ ଯଥେଷ୍ଟ କ୍ଷତିର ଶିକାର ହେଉଛନ୍ତି । କୋଭିଡ଼–୧୯ ସମୟକ୍ରମରେ ପୃଥିବୀବାସୀଙ୍କର ସ୍ଥିତିକୁ ଯଦି ପରଖିବା, ତେବେ ବିଭିନ୍ନ ରାଷ୍ଟ୍ରରେ ବିଭ୍ରାନ୍ତିକର ତଥ୍ୟ ସୂଚନା ପରିବେଷଣର ଚିତ୍ର ସ୍ପଷ୍ଟ ହୋଇଯିବ ।

# ଆଧୁନିକତା ଓ ଆମ ସଂସ୍କୃତି

ପ୍ରଫେସର ଡଃ କୁମରବର ଦାସ

ସହରୀକରଣ ସାଜିଛି ଭୋଗବାଦୀ ଓ ବସ୍ତୁବାଦୀ ଦୁନିଆର ପେଣ୍ଠସ୍ଥଳୀ । ଆଜି ଆଧୁନିକୀକରଣର ମହାପ୍ରବାହରେ ସମସ୍ତେ ଆଜି ନିମଗ୍ନ । ଅଧିକ ଶକ୍ତି ସାମର୍ଥ୍ୟ ଥାଉ କି ନଥାଉ ଅଧିକ ଉପାର୍ଜନ କରିବା, ଅଧିକ ଉପାର୍ଜନ ଥାଉ କି ନଥାଉ ଅଧିକ କ୍ରୟ , ଅଧିକ ଉପଭୋଗ କରିବା ଲାଳସାରେ ସମସ୍ତେ ଧାଉଁଛୁ । ବସ୍ତୁବାଦର କୁହେଳିକା ଭିତରେ, କିଛି ଝାମ୍ପି ନେବାକୁ ନିଜ ନିଜ ସ୍ତରରେ ସମସ୍ତେ ବ୍ୟଗ୍ର ଓ ଉଦ୍ୟମରତ । ସମସ୍ତେ ପ୍ରତିଯୋଗିତାପ୍ରବଣ ହୋଇ ପଡ଼ିଛନ୍ତି । ଏହାଦ୍ୱାରା ସମାଜରେ ହୀନମନ୍ୟତା ଓ ବିକୃତ ମାନସିକତା ପ୍ରଚଣ୍ଡ ଭାବେ ବ୍ୟାପୁଛି । ଏହା ସାଥିରେ ସାମାଜିକ ମୂଲ୍ୟବୋଧର ଓ ମାନବୀୟ ଚେତନାର କ୍ଷିପ୍ର ଗୁଣାତ୍ମକ ଅବକ୍ଷୟ ଘଟୁଛି । ସଂସ୍କୃତି ବଦଳରେ ନଗ୍ନ ସଭ୍ୟତାର ପ୍ରସାର ହେଉଛି ।

ସଭ୍ୟତା ଆଜି ବାହ୍ୟ ଚାକଚକ୍ୟରେ ବନ୍ଧା ପଡିଛି । ଆଧୁନିକ ସଭ୍ୟତା ମଣିଷର ଇନ୍ଦ୍ରୀୟ ମାନଙ୍କ ଦ୍ୱାରା ପ୍ରସାରିତ ଓ କବଳିତ । ରାବଣ ଥିଲେ ଖୁବ୍ ସଭ୍ୟ ଓ ମହା ଜ୍ଞାନୀ । ତାଙ୍କର ସାମ୍ରାଜ୍ୟ ସଭ୍ୟତା ଓ ଆଧୁନିକତାର ଶୀର୍ଷରେ ପାହଂଚି ଥିଲା । କିନ୍ତୁ ରାମ ଥିଲେ ଖୁବ୍ ସଂସ୍କୃତି ସମ୍ପନ୍ନ । ଭଲ ସଂସ୍କୃତି ଉନ୍ନତ ସଭ୍ୟତାକୁ ହିଁ ବୁଝାଏ । କିନ୍ତୁ ଉନ୍ନତ ସଭ୍ୟତା ଉତ୍କୃଷ୍ଟ ସଂସ୍କୃତିକୁ ବୁଝାଏ ନାହିଁ । ଜ୍ଞାନର ଆଲୋକରେ ଉଦ୍ଭାସିତ ବିଜ୍ଞାନ ଜଗତରେ ବି ଅନ୍ଧବିଶ୍ୱାସ ଓ କୁସଂସ୍କାର ବୃଦ୍ଧି ପାଉଛି । କର୍ମରେ ବିଶ୍ୱାସ ନ କରି ଭାଗ୍ୟରେ ବିଶ୍ୱାସ କରିବା । ସାରା ସମାଜ ଆମର ଧାଉଁଛି ଭୁଲ୍ ରାସ୍ତାରେ । ଶିକ୍ଷିତ ବର୍ଗଙ୍କ ଭିତରେ ମିଥ୍ୟା, ଛଳନା, ପ୍ରତାରଣା, ପ୍ରବ ନା, ହିଂସା, ସନ୍ଦେହ, ଦ୍ୱେଷ , ଆଳସ୍ୟ , ଅୟସଖୋର ମନୋଭାବ,ଜିନିଷପତ୍ର ନଷ୍ଟ କରିବାର ମାନସିକତା ଓ ଅହଂଭାବ ସବୁ କିଛି ବଢିଗ୍ଲଲିଛି । ଏହିସବୁ ହିଁ ସାମାଜିକ ବ୍ୟାଧି । ଏହା କୌଣସି ସୁସ୍ଥ ସମାଜର ଲକ୍ଷଣ ଆଦୌ ନୁହେଁ । ଆଜି ଯଦି କିଏ ମଣିଷ କୁ ଶାସନ କରୁଥାଏ ତାହା ହେଉଛି କେବଳ ଟଙ୍କା,ଲୋଭ ଓ କୃତ୍ରିମତା । ଆଜି ଯଦି କିଛି ବୈଷମ୍ୟ ସୃଷ୍ଟି କରୁଥାଏ ତାହା ହେଉଛି କଳା ଧନ । ପ୍ରେମ, ଶାନ୍ତି , ବିଶ୍ୱାସ ଓ ସୁରକ୍ଷାର ଅଭାବ ସବୁଆଡ଼େ ।





ପରେ ମଧ୍ୟ, ସେହି ଚେରକୁ ଏତେ ତଳକୁ ନେଇଯାଇଛି ଯେ ଆମେମାନେ ଭାରି ସହଜରେ ନିଜ ପାଇଁ କହିଦେଉ – 'ମୁଁ ଆଜ୍ଞା ଆଇନ ଜାଣି ନାହିଁ ।' ଜାଣି ନଥିଲେ ବି ଜାଣିବାର ଆଗ୍ରହକୁ ଜାରି ରଖାଯାଇ ପାରିବ ଏବଂ ଜାଣିବାର ବାଟକୁ ଖୋଜାଯାଇ ପାରିବ । ଏହା ମଧ୍ୟ ଦୃଷ୍ଟାନ୍ତ ଅଛି ଯେ ବହୁତ ସହଜରେ ଅନ୍ୟମାନଙ୍କ ପାଇଁ ମଧ୍ୟ ଆମେ ସେଇ ଦୃଷ୍ଟିଭଙ୍ଗୀ ରଖିଥାଉ ଯେ, ଏ ଦେଶରେ ଅଶିକ୍ଷିତ ଲୋକମାନଙ୍କର ସଂଖ୍ୟା ବେଶୀ ଏବଂ ସେମାନେ ସବୁ ଆଇନ ବା ନୀତିନିୟମ ଜାଣୁ ନାହାନ୍ତି, ବିଶେଷ କରି ଯାହା ଲିଖିତ ଭାବରେ ଲିପିବଦ୍ଧ ହୋଇଥିବା ବିଷୟବସ୍ତୁ ।

ଏଠାରେ ଗୋଟିଏ କଥାକୁ କହିରଖେ, ସବୁ ଆଇନକୁ ଜାଣିବା ବା ବୁଝିବା ସମ୍ଭବପର ହୋଇନପାରେ, କିନ୍ତୁ ଅତିକମ୍‌ରେ କିଛି ନିହାତି ଆବଶ୍ୟକୀୟ କଥା ବୁଝିବା, ଜାଣିବା ଅସମ୍ଭବ ନୁହେଁ । ଯେତେବେଳେ ଏ ଦେଶର ନାଗରିକ ହିସାବରେ ସମସ୍ତେ ହୃଦ୍‌ବୋଧ କରିବାରେ ଅସୁବିଧା ନାହିଁ 'ଯେ ସମସ୍ତଙ୍କର ନିଜର କିଛି ମୌଳିକ ଅଧିକାର ଅଛି, ତେବେ କିଛି ଦାୟିତ୍ୱ ଅଛି ବୋଲି ବୁଝିବାରେ ଅସୁବିଧା କଣ ! ଜୀବଜଗତରେ ମଣିଷ ଛଡ଼ା ପଶୁ ଓ ଉଦ୍ଭିଦ ଜଗତ ମଧ୍ୟ କିଛି ନା କିଛି ନୀତିନିୟମରେ ବନ୍ଧା । ସେଥିରେ ସେମାନେ ନିଜର ପ୍ରବୃ ି ର ବଶବ ୀ ହୋଇ ପ୍ରତିକ୍ରିୟା କରନ୍ତି । ହେଲେ ମଣିଷ ଏକ ଉନ୍ନତ ଏବଂ ଉଚ୍ଚମାନର ସୃଷ୍ଟ ଜୀବ, ନିଜର ବିଗ୍ରର ବୁଦ୍ଧି ପାଇଁ ଏବଂ ଏହାର ପ୍ରୟୋଗ ପାଇଁ ସେ ଅନ୍ୟ ସୃଷ୍ଟ ଜୀବଠାରୁ ଭିନ୍ନ । ଏହାକୁ ଆମେ କେବେ ବି କୌଣସି ଭାବରେ ଅସ୍ୱୀକାର କରିପାରିବା ନାହିଁ ।

କିନ୍ତୁ ପରିତାପର ବିଷୟ ଯେ, ଆମ୍ଭେମାନେ ଆଜି ବି 'ଅଜ୍ଞତା'ର ବାହାନାରେ ନିଜ ଦାୟିତ୍ୱବୋଧକୁ ଘୋଡାଇ ରଖିଛୁ । ଯେଉଁଠି ଡିଜିଟାଲ ବିଶ୍ୱରେ ୨୪x୭ ଅହରହ ସଂଯୁକ୍ତ । ମୋବାଇଲର ଶହ ଶହ ଆପ୍‌କୁ ନିଜେ ଅନୁଧାନ କରି ଦୈନନ୍ଦିନ ଜୀବନରେ ଲାଗୁଥିବା ଆପକୁ ବ୍ୟବହାର କରି ସଫଳ ହେଉଛୁ ଏବଂ ଦେଶରେ ମଧ୍ୟ ସରକାରୀ ସ୍ତରରେ କ୍ରମାଗତ ପ୍ରୋତ୍ସାହନ ଜାରି ରହିଛି । ବିଭିନ୍ନ ଆପ୍‌ର ବ୍ୟବହାର ପାଇଁ, ଏବଂ ଯେଉଠି ଅନ୍ୟ ବିଭିନ୍ନ ମାଧ୍ୟମରେ ଲୋକଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସୂଚନା ଜନସାଧାରଣଙ୍କ ପାଖରେ ପହ ୍ବାର ପ୍ରକ୍ରିୟା ଆଜି ଯେତେ କ୍ରିୟାଶୀଳ ଓ ଗତିଶୀଳ; ତାହା ଗତ କିଛି ଦଶନ୍ଧିରେ ହୋଇନଥିଲା ।

ତେବେ ଆମର ଏସବୁ କଥାକୁ ଉପସ୍ଥାପନା କରିବାର ଆବଶ୍ୟକତା କଣ ପାଇଁ। ପ୍ରଥମତଃ ସମ୍ବିଧାନରେ ଆମର ଅଧିକାର ହେଉଛି ସୁରକ୍ଷିତ, ଶାନ୍ତିପୂର୍ଣ୍ଣ, ମର୍ଯ୍ୟାଦାଦାୟକ ଜୀବନ । ସେମିତି ଆମର ଦାୟିତ୍ୱ ଓ କ ର୍ବ୍ୟ ହେଉଛି ଅନ୍ୟର ସୁରକ୍ଷା, ଶାନ୍ତି ଓ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା । ଦ୍ୱିତୀୟତଃ ଏସବୁର ଅକ୍ଷୁର୍ଣ୍ଣତା ବଜାୟ ରଖିବା ଓ ପ୍ରାପ୍ତି ପାଇଁ ନିଜକୁ ସକ୍ଷମ କରିବା, ସେଥିପାଇଁ ଠିକ୍ ସୂଚନା ଲୋକଙ୍କ ଦ୍ୱାରା ଠିକ୍ ସମୟରେ ପ୍ରାପ୍ତିର ଅଧିକାର ହେଉଛି ଏକ ମୁଖ୍ୟ ପ୍ରସଙ୍ଗ ।

କିନ୍ତୁ ସାରାପୃଥିବୀର କିଛି ତ ୍ର, କିଛି ବ୍ୟକ୍ତି, କିଛି ସଂଗଠନ ନିଜେ ଅଖଣ୍ଡ ଶକ୍ତିଶାଳୀ ହୋଇ ଅନ୍ୟମାନଙ୍କୁ ନିଜ କବଳରେ ରଖିବାର ଯେଉଁ ଆଦିମ ପ୍ରବୃ ିକୁ ପ୍ରତିଷ୍ଠିତ କରିବାକୁ ଗ୍ରହୁଁଛନ୍ତି । ସେମାନେ ସମସ୍ତଙ୍କୁ ବିଭିନ୍ନ ଭାବରେ 'ବିଭ୍ରାନ୍ତ' କରିବାକୁ ପ୍ରୟାସ ଜାରୀ ରଖିଛନ୍ତି । ବିଭ୍ରାନ୍ତ କରି ଅସଂଯୁକ୍ତ କରିପାରିଲେ ସେମାନଙ୍କର ଅଭିଷ୍ଟ ଇଚ୍ଛା ସାଧନର ପଥ ସୁଗମ ହୋଇଯିବ । ଆଜିର ଏହି ଡିଜିଟାଲ ଦୁନିଆରେ ଏପରି କରିବା ସହଜସାଧ ହୋଇଯାଇଛି ।

ସୂଚନା ଓ ତଥ୍ୟ ଆଉ କିଛି କହିବା ଆଗରୁ ଜାଣିବାକୁ ଅଛି ଯେ Information Management (ସୂଚନା ପରିଚାଳନା) କ'ଣ କାରଣ ସାଧାରଣରେ ଯେଉଁ ତଥ୍ୟ ନାଗରିକମାନଙ୍କ ପାଇଁ ରଖାଯାଏ ଯାହା ଠିକ୍ ଲୋକ, ଠିକ୍ ସୂଚନା, ଠିକ୍ ସମୟରେ ପାଇପାରିବେ, ତେଣୁ ତଥ୍ୟଗୁଡ଼ିକ ସଠିକ୍ ରୂପରେ ବିଶ୍ଳେଷଣ ଦ୍ୱାରା ସଠିକ୍ ତଥ୍ୟକୁ ଶ୍ରେଣୀକୃତ କରି ପ୍ରାସଙ୍ଗିକତାକୁ ଭି ିରେ ସଜାଇ ରଖିଲେ ହି ତାହା ଏକ ଉପଯୋଗୀ ସୂଚନା ଭାବରେ ପରିଗଣିତ ହୋଇଥାଏ ।

କ୍ରମାନୁସାରେ ଆଜିର ବୈଷୟିକ କ୍ରମବର୍ଦ୍ଧିଷ୍ଣୁ ପ୍ରଗତିଶୀଳ ଜ୍ଞାନ ବିଜ୍ଞାନର ଆବଶ୍ୟକତାର ବିଭିନ୍ନ ରୂପ ବାହାରକୁ ଆସୁଛି । ଏହି ସମୟ ବୃ  ରେ ତଥ୍ୟକୁ ଆବଶ୍ୟକୀୟ ଓ ଉପାଦେୟ ସୂଚନାର ରୂପ ଦେବାକୁ ହେଲେ ଉପରୋକ୍ତ ପ୍ରକ୍ରିୟାକୁ ଦୃଷ୍ଟିରେ ରଖିବାକୁ ଅଛି ଏବଂ ବୈଷୟିକ ନୈତିକତା ଓ ଆଗ୍ରହ ବିଗ୍ରହ, ବ୍ୟକ୍ତିଗତ ଗୋପନୀୟତା ତଥା ରାଷ୍ଟ୍ରର ସାର୍ବଭୌମତାକୁ ବଜାୟ ରଖି ସେହି ତଥ୍ୟ ଓ ସୂଚନାର ପରିଚାଳନା ପ୍ରକ୍ରିୟାରେ କେମିତି ସାଇତି ରଖାଯାଇ ପାରିବ ଏବଂ ତାର ସଂରକ୍ଷଣ ଓ ସମୟାନୁବ ର୍ିତା ସହିତ ସୁରକ୍ଷିତ ହୋଇପାରିବ ତାର ସ୍ୱଷ୍ଟ ନୀତି ନିର୍ଦ୍ଧାରଣ ହେବା ଜରୁରୀ ଅଟେ । ଏହି ସୂଚନାର କିପରି





ଅପବ୍ୟବହାର ହେବନାହିଁ, ତାହା ବିଶେଷ ଦୃଷ୍ଟିରେ ରଖିବାକୁ ହେବ । "ବିଭ୍ରାନ୍ତକର ତଥ୍ୟ'ର ପ୍ରସାରଣ ବିଭିନ୍ନ ମାଧ୍ୟମ ମାନଙ୍କରେ ବ୍ୟକ୍ତି ପାଇଁ, ଗୋଷ୍ଠୀ ପାଇଁ, ବିଭିନ୍ନ ବର୍ଷର ସ  । ଓ ରାଷ୍ଟ୍ର ନିରାପ  । ପାଇଁ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରିଚାଲିଛି । ଏଥିରେ ଅଙ୍କୁଶ ଆଣିବା ପାଇଁ ଜନସାଧାରଣଙ୍କ ଭାଗିଦାରୀ ବହୁତ ଭାବରେ ଜରୁରୀ । ବିଶେଷ କରି ଭାରତବର୍ଷରେ ସାମ୍ବିଧାନିକ ବ୍ୟବସ୍ଥାର ଚତୁର୍ଥ ସ୍ତମ୍ଭ ବୋଲି ଗଣମାଧ୍ୟମକୁ ବୁଝାଯାଇଥାଏ । ଏଣୁ ଗଣମାଧ୍ୟମର ଦାୟିତ୍ୱବୋଧତାକୁ ମଧ ଦୃଷ୍ଟି ଆଢୁଆଳରେ ରଖାଯାଇପାରିବ ନାହିଁ । କାରଣ ତଥ୍ୟ ଓ ସୂଚନା ଲୋକଲୋଚନକୁ ଆସିବାର ମୁଖ୍ୟ ମାଧ୍ୟମ ହେଉଛି ବିଭିନ୍ନ ପ୍ରକାରର ଗଣମାଧ୍ୟମ । ଏଠାରେ ଆମେ Rule of LaWରେ ସ୍ୱଷ୍ଟ ହୋଇଥିବା ବିଶେଷ କଥାକୁ ଦୃଷ୍ଟିରେ ରଖି କହିପାରିବା ଯେ କୌଣସି ଦେଶରେ କୌଣସି ଆଇନର କାର୍ଯ୍ୟକାରିତାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତଙ୍କର ଉ  ରଦାୟିତ୍ୱ ରହିଛି ନୀତି ଓ ନିୟାମକ ଜରିଆରେ ଜନସାଧାରଣଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବା ସହ ଦେଶର ସୁରକ୍ଷାକୁ ଅକ୍ଷୁଣ୍ଣ ରଖିବା ।

ଏଣୁ ଆଜି ଦିନରେ ଆମର ପ୍ରୟାସ ଜାରି ରହିବ, ନିଜକୁ ବିଭ୍ରାନ୍ତମୁକ୍ତ ରଖିବା ।

**ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ**
**ଭୁବନେଶ୍ୱର, ଓଡିଶା**

—○—



ସଂସ୍କୃତି ଏକ ବୃହତର ପରିଧୀ । ଏହା ମଣିଷ ସମାଜ ପାଖରେ ଥିବା ସମସ୍ତ ସାଧନ ଓ ସାମର୍ଥ୍ୟର ସମଷ୍ଟି । ଏହା ସମାଜିକ ଚେତନା ର ନୈତିକ ଭିତି ଓ ବ୍ୟକ୍ତିଗତ ମାନବିକତାର ଆଧାର । ଏହା ସ୍ୱାଧୀନ, ନ୍ୟାୟ ଅନ୍ୟାୟର ଉର୍ଦ୍ଧ୍ୱରେ । ଏହା କଳାର ଉତ୍କର୍ଷତାକୁ ଆହୁରି ବର୍ଦ୍ଧନ କରାଇବାର ମାର୍ଗ । ସଂସ୍କୃତି ପୃଥିବୀର ସୌନ୍ଦର୍ଯ୍ୟ ଓ ଉତ୍କୃଷ୍ଟତାକୁ ଉପଲବ୍ଧି କରିବାର ମାଧ୍ୟମ । ସଭ୍ୟତା ଓ ସଂସ୍କୃତି ପରିପୂରକ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । କିନ୍ତୁ ସଂସ୍କୃତି ହେଉଛି ମୂଳ , ସଭ୍ୟତା ହେଉଛି ଡାଳ । ରଂଗ ବିହୀନ ଇନ୍ଦ୍ରଧନୁ ଯାହା , ନିଳିମା ବିହୁନେ ଆକାଶ ଯାହା , ସଂସ୍କୃତି ବିହୀନ ସଭ୍ୟତା ସେଇୟା । ସଂସ୍କୃତି ଏକ ଦେଶର କିମ୍ବା ସମାଜର ସମସ୍ତ କଳା, ଚଳଣି ,ଧର୍ମ, ମୂଲ୍ୟବୋଧ, ପ୍ରଥା, ପରମ୍ପରା, ବ୍ୟବହାର, ବିଶ୍ୱାସ, ଶୃଙ୍ଖଳା, ଅଭ୍ୟାସ, ଉପାସନା, ଆଇନ, ଆଦର୍ଶ, କ୍ଷମତାର ସମାରୋହ । ଏହା ସବୁ ମଣିଷର ଜ୍ଞାନ ଓ ବୁଦ୍ଧି ରହିତ । ସଂସ୍କୃତି ଦ୍ୱାରା ସମାଜ ବ୍ୟକ୍ତିର ଦିଗନ୍ତକୁ ପରିବ୍ୟାପ୍ତ କରେ । ଜ୍ଞାନର ପରିପକ୍ୱତା ସଂସ୍କୃତିକୁ ରକ୍ଷାକରେ । ସଂସ୍କୃତି ଜାତୀୟ ପ୍ରେମ ଓ ରାଷ୍ଟ୍ର ଚେତନା ଜାଗ୍ରତ କରାଏ । ସମସ୍ତ ସଂସ୍କୃତିକ ଉପାଦାନ ଯୁଗ ଯୁଗ ଧରି, ପିଡି ପରେ ପିଡି ମଣିଷ ସଂଗ୍ରହ କରିଥାଏ । ଏ ସବୁ ଉପାଦାନ ମଣିଷର ବିଚାର ଓ ଯୁକ୍ତି ପାଖେ ସେମାନଙ୍କ ସ୍ୱାଧୀନତା ହରାନ୍ତି ନାହିଁ । ଏ ସବୁ ଉପାଦାନ ଜଣେ ବ୍ୟକ୍ତି ସାମାଜିକ ସଦସ୍ୟ ହିସାବରେ ଆହରଣ କରିଥାଏ । ସଂସ୍କୃତି ଅନେକ ବିଷୟୀଭୂତ ଦୃଶ୍ୟ ଓ ଦର୍ଶନକୁ ବୁଝାଏ, ଯାହା ଗୋଟେ ପିଢୀରୁ ପର ପିଢୀକୁ ସାମାଜିକ ଶିକ୍ଷା ମାଧ୍ୟମରେ ହସ୍ତାନ୍ତରିତ ହୋଇଥାଏ । ଏହି ଦୃଷ୍ଟିରୁ ବହୁ ସଂସ୍କୃତି ଭି ି କ ଭାବଧାରା ବିଭିନ୍ନ ସଂସ୍କୃତିର ସମନ୍ୱୟ ଓ ପରସ୍ପର ପ୍ରତି ଉଦାରତା, ଗୋଟିଏ ପୃଥିବୀରେ ଶାନ୍ତିପୂର୍ଣ୍ଣ ସମସ୍ଥିତିକୁ ସମ୍ମାନ ଦିଏ । ସଂସ୍କୃତିକୁ ନିରପେକ୍ଷ ସମୀକ୍ଷା କିମ୍ବା ଶ୍ରେଣୀଭୂକ୍ତ କରିବା ସମ୍ଭବ ନୁହେଁ । କାରଣ କୌଣସି ଏକ ସମୀକ୍ଷା ହିଁ କୌଣସି ଏକ ସଂସ୍କୃତିର ମୂଲ୍ୟବୋଧ ଆଧାରିତ ହୋଇଯାଏ ।

ସାର୍ବଜନୀନ ସାଂସ୍କୃତିକ ଉପାଦାନ ଗୁଡିକ ହେଲା ଧର୍ମ, କଳା, ନାଚ, ଗୀତ, ପରମ୍ପରା, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଶିଳ୍ପ ବିଦ୍ୟା, ରୋଷେଇ, ବାସସ୍ଥାନ, ଲୁଗାପଟା, ଖାଦ୍ୟପେୟ ଇତ୍ୟାଦି । ସଂସ୍କୃତିର ଅଲେଖିକ ଦିଗ ଯାହା ଅଛି, ସାମାଜିକ ସଂଗଠନ, ଶୃଙ୍ଖଳା, ଦର୍ଶନ, ସାହିତ୍ୟ (ଲିଖିତ ଓ ଅଲିଖିତ), କାଳ୍ପନିକ ଇତିହାସ (ମାଇଥୋଲୋଜି) ଏବଂ ବିଜ୍ଞାନ । ଏହା ସମାଜରେ ପରମ୍ପରାଗତ ସମ୍ପଦକୁ ବୁଝାଏ । ସଂସ୍କୃତି ସମାଜର ଓ ବ୍ୟକ୍ତିର ବ୍ୟବହାର ଓ ଗ୍ରହଣୀୟତାକୁ ଅଲିଖିତ ଭାବେ ସଂହିତାବଦ୍ଧ କରିଥାଏ । ଏହା ବ୍ୟକ୍ତିର ପୋଷାକ, ବ୍ୟବହାର, ଭାଷାର ଏକ ଅଲେଖା





ପଥ ଦର୍ଶକ ଲେଖା । ଏହା ସାମାଜିକ ଗୋଷ୍ଠୀ ଆଶାର ଏକ ନିର୍ଦ୍ଧାରିତ ଧାରା ଭଳି କାର୍ଯ୍ୟ କରେ । ମଣିଷ ଧିରେ ଧିରେ ସମାଜଶୀଳତା ମାଧ୍ୟମରେ ଆପଣେଇ ନିଏ । ସାଂସ୍କୃତିକ ଉନ୍ନତିର ସୋପାନ ଅନେକ ସମୟରେ ସମାଜର ଶିକ୍ଷିତ ବର୍ଗଙ୍କର ଉଚ୍ଚା ସଂସ୍କୃତି ଓ ସମାଜର ଅଶିକ୍ଷିତ ବର୍ଗର ନିଛା ସଂସ୍କୃତି ସୃଷ୍ଟି କରେ । ସହରୀ ସଂସ୍କୃତି, ଲୋକପ୍ରିୟ ସଂସ୍କୃତି କିମ୍ବା ଗାଉଁଲି ସଂସ୍କୃତି ଭିତରେ ପ୍ରଭେଦ ଅଛି ।

ପ୍ରଥମେ ରୁଷୋ ସଭ୍ୟ ଓ ଅସଭ୍ୟ ସଂସ୍କୃତି ଭିତରେ ପାର୍ଥକ୍ୟ ଦେଖାଇଲେ । ସେଥିରୁ ସ୍ପେନସରଙ୍କ ଡାରଉଇନିଜ୍‌ମ ତତ୍ୱ ଓ ମୋର୍ଗାନଙ୍କର ସାଂସ୍କୃତିକ ବିବର୍ତନ ସୂତ୍ର ସୃଷ୍ଟି ହେଲା । ଏଇ ପ୍ରକାର ଉଚ୍ଚା ନିଛା ସଂସ୍କୃତିକ ପ୍ରଭେଦ, ଶିକ୍ଷିତ ଓ ଅଶିକ୍ଷିତ ଗୋଷ୍ଠୀ ଜୀବନ ଚର୍ଯ୍ୟାର ପାର୍ଥକ୍ୟକୁ ସୂଚାଏ । ଏବଂ ସଭ୍ୟ ଅସଭ୍ୟ ସଂସ୍କୃତି ଉପନିବେଶିକ ଶକ୍ତି ଏବଂ ଉପନିବେଶିକତାର ପ୍ରଜାମାନଙ୍କ ଭିତରେ ସଙ୍ଘର୍ଷକୁ ବୁଝାଏ । ମାର୍କସ୍‌ଙ୍କ ମତାନୁଯାୟୀ ଉତ୍ପାଦନ ସମ୍ପର୍କ ସମାଜର ଅର୍ଥନୈତିକ ବ୍ୟବସ୍ଥାର ମୂଳ (ଷ୍ଟ୍ରକ୍‌ଚର) ଯାହାର ସଂସ୍କୁତି ହେଉଛି ଡାଳ (ସୁପର ଷ୍ଟ୍ରକ୍‌ଚର) । ମାର୍କସବାଦୀ ପ୍ରବକ୍ତାମାନେ ଯୁକ୍ତି କରନ୍ତି ଯେ ଶିକ୍ଷିତ ମାଲିକ ଗୋଷ୍ଠୀ ଅଶିକ୍ଷିତ ଶ୍ରମିକ ଗୋଷ୍ଠୀକୁ ଅକ୍ତିଆର କରିବାକୁ ସଂସ୍କୃତିକୁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରି ଏକ ମିଛ ସଚେତନା ସୃଷ୍ଟି କରନ୍ତି । ସହରର ଶାସକଶ୍ରେଣୀ ଆଦର୍ଶ ଓ ସଫଳତାର ନମୁନା ସୃଷ୍ଟି କରିଛନ୍ତି । ସହର ଶିକ୍ଷିତ ବର୍ଗ ତାକୁ ଗ୍ରହଣ କରିଥିବାରୁ ସହରୀ ସଂସ୍କୃତି ଏବେ ସଭ୍ୟତା ସାଙ୍ଗେ ଏକା ରୂପ ଧାରଣ କରିଛି । ଉଚ୍ଚକୋଟୀର ସଭ୍ୟତା ସାଙ୍ଗେ ସହରୀ ସଂସ୍କୃତିର ରାଜଜୋଟକ ଘଟିଛି । ସମାଜ ବିଜ୍ଞାନୀଙ୍କ ଭାଷାରେ ସଂସ୍କୃତି ଏକ ଚିନ୍ତା କରିବା ଓ କାର୍ଯ୍ୟ କରିବାର ଧାରା । ମନ ବିଜ୍ଞାନୀଙ୍କ ମତରେ ମଣିଷର ମନ ସଂସ୍କୃତି ମୁକ୍ତ ନୁହେଁ । ସଂସ୍କୃତି ସହ ମଣିଷର ଆବେଗ ଯୋଡି ହୋଇଥାଏ । ଜାପାନର ଲୋକେ ତାଙ୍କର ସାକାରତ୍ମକ ଆବେଗକୁ ଆମେରିକୀୟ ନାଗରିକଙ୍କ ତୁଳନାରେ ଚାପିକି ରଖିଥାନ୍ତି । ସଂସ୍କୃତି ଲୋକଙ୍କ ଅନୁଭୂତି ଓ ଆବେଗକୁ ପ୍ରକାଶ କରିବାକୁ ବହୁତ ପରିମାଣରେ ପ୍ରଭାବିତ କରେ । ଲୋକେ ଗୋଟେ ଘଟଣାକୁ ସାଂସ୍କୃତିକ ଦୃଷ୍ଟିକୋଣରୁ ବିଭିନ୍ନ ପ୍ରକାର ବୁଝନ୍ତି । ବିଭିନ୍ନ ସଂସ୍କୃତି ଭିନ୍ନ ପ୍ରକାର ଆଇନ,କ୍ଷମତା ପୂର୍ବକ ଆଦେଶ ଦିଏ । ଯାହା ଫଳରେ ଲୋକେ ଅନ୍ୟ ଗୋଟେ ସଂସ୍କୃତିକୁ ସାମ୍ନା କଲେ ବହୁ ପ୍ରତିକ୍ରିୟାଶୀଳ ହୋଇ ପଡନ୍ତି। ସଂସ୍କୃତି, ବଂଶର ଆଦ୍ୟ ଉତ୍ପତି, ଧର୍ମ, ଜାତି, ଲିଙ୍ଗ, ପରମ୍ପରା, ମୂଲ୍ୟବୋଧ ଆଧାରରେ ଧିରେ ଧିରେ ସଙ୍ଗଠିତ ହୋଇ ସମାଜରେ ଆଦୃତ ହୋଇଥାଏ । କିଛି

ସଂସ୍କୃତିରେ ପର୍ବପର୍ବାଣୀ, ଉତ୍ସବ ସମ୍ବନ୍ଧୀୟ ଗହଣା ବା ପୋଷାକକୁ ପ୍ରାଧାନ୍ୟ ଦିଆଯାଏ। ଉଦାହରଣ ସ୍ୱରୂପ ଖ୍ରୀଷ୍ଟଧର୍ମରେ ଖ୍ରୀଷ୍ଟମାସ ଗଛ ଏକ ଧର୍ମକର୍ମ ବସ୍ତୁ। ହିନ୍ଦୁ ଧର୍ମରେ ବିବାହିତା ମହିଳା ମଥାରେ ସିନ୍ଦୂର ଟୋପା ଏକ ହିନ୍ଦୁ ସଂସ୍କୃତିର ପ୍ରତୀକ। ଏହା ଉଭୟ ସାମାଜିକ ଓ ଧାର୍ମୀକ ଜୀବନଶୈଳୀର ନିଦର୍ଶନ। ସଂସ୍କୃତି ମଣିଷ ସମାଜର ଜ୍ଞାନ, ଅଜ୍ଞାନ, ବିଜ୍ଞାନ, କୌଶଳ, ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ, ଦୃଷ୍ଟି, ଦୂରଦୃଷ୍ଟିର, ଧାର୍ମିକ, ଆଧ୍ୟାତ୍ମିକତାର ସମାହାର ବା ପୂର୍ଣ୍ଣାଙ୍ଗ ଢା । ସଂସ୍କୃତିର ମୁଖ୍ୟତଃ ଆଠଟି ବିଭାଗ ଅଛି ଃ ୧-ଭୂଗୋଳ, ୨-ଧର୍ମ ଓ ବିଶ୍ୱାସ, ୩- କଳା ଓ ସ୍ଥାପତ, ୪-ସରକାର, ରାଜନୀତି ଓ ଆଇନ, ୫-ଚାଷୀ ଓ ଯୋଗାଯୋଗ, ୬-ଅର୍ଥନୀତି ଓ ଜୀବିକା, ୭-ରାଜନୀତି ଓ ପରମ୍ପରା, ୮-ସମାଜ ଓ ମୂଲ୍ୟବୋଧ ।

କୌଣସି ଏକ ଗୋଷ୍ଠୀ ଯାହା ଭାବେ ଓ କରେ ତାହା ତା'ର ବ୍ୟବହାରିକ ଶୈଳୀରୁ ଜଣାପଡେ। ଉଦାହରଣ ସ୍ୱରୂପ କେତେକ ଦେଶରେ ଧରନ୍ତୁ ଚୀନ୍ ଦେଶ କଥା, ସେଠି ସର୍ବସାଧାରଣ ସ୍ଥାନରେ କାହାକୁ ବି ଚାହିଁ ପାରିବ କିମ୍ୱା ଅନ୍ୟର ଅତି ପାଖରେ ଠିଆ ହୋଇପାରିବ। ଦକ୍ଷିଣ ଆଫ୍ରିକାରେ ଯଦି ଆପଣ ଗୋଟେ ଖାଲିଥିବା ବସ୍‌ରେ ଚଢିଛନ୍ତି କିମ୍ୱା ପ୍ରାୟ ଖାଲି ପଡିଥିବା ସିନେମା ହଲରେ ପଶିଯାଇଛନ୍ତି ଏବଂ ପାଖ ସିଟ୍‌ରେ କେବଳ ଜଣେ ଲୋକ ବସିଛନ୍ତି ଓ ତାଙ୍କ ପାଖରେ ଆପଣ ବସିଯାଆନ୍ତି ତେବେ ତାକୁ ସହଜ ଭାବରେ ଗ୍ରହଣ କରାଯାଏ, କିନ୍ତୁ ଆମେରିକାରେ ଯଦି ବସ୍‌ରେ ସିଟ୍ ଖାଲିପଡିଛି ତେବେ ଜଣେ ଲୋକ ଖାଲି ପଡିଥିବା ସିଟ୍‌ରେ ବସେନି ସିଟ୍ ସେମିତି ଖାଲି ରହେ। ଏ ସବୁ କଥା କହିବାର ତାତ୍ପର୍ଯ୍ୟ ଏଇୟା ଯେ ସଂସ୍କୃତିର ବିଭିନ୍ନ ପରିଭାଷା ରହିଛି। ଏଇ ସବୁ ପରିଭାଷା ଭୁଲ୍ କିମ୍ୱା ଠିକ୍- ଏ କଥା କୁହାଯାଇ ପାରିବନି। ଏହା କେବଳ ଏକ ଏକ ଭିନ୍ନତା। ଆମେ ଯେତେବେଳେ ଅନ୍ୟ ଦେଶକୁ ଯାଇଥାଉ ଓ ସେଠି ଖାଦ୍ୟ ଖାଉ; ସେଠି ଆମେ ଆମ ନିଜ ଦେଶର ଖାଦ୍ୟକୁ ପ୍ରାଧାନ୍ୟ ଦେଇଥାଉ। ସେଠି ଆମେ ଆମ ନିଜ ରୁଚି ଅନୁଯାୟୀ ଖାଇଥାଉ। କାରଣ ଆମ ଖାଦ୍ୟ ଅଭ୍ୟାସ ସମ୍ପୂର୍ଣ୍ଣ ଭିନ୍ନ। ଆମେ ସେମାନଙ୍କ ଖାଦ୍ୟ ଦେଖି ଏଭଳି ମନ୍ତବ୍ୟ ବି ଦେଇଥାଉ ଯେ, "ଲୋକମାନେ ପୋକ ଯୋକ, କୀଟ ପତଙ୍ଗ ଖାଇବା ଅନୁଚିତ।" ଗୋଟେ ଜାତି ବା ସମାଜ ନିଜ ସଂସ୍କୃତିରୁ ଜଣାପଡେ। ତାହାର ଅଦ୍ୱିତୀୟତାରୁ ସେଇ ସମାଜକୁ ଲୋକ ଜାଣି ପାରନ୍ତି। ଗୋଟେ କ୍ଲାସିକ ବହି ବିଷୟରେ ଶୁଣୁ କିମ୍ୱା ଗୋଟେ ବହୁଚର୍ଚ୍ଚିତ ପେ ିଂକୁ ଆମେ ଦେଖୁ, କିନ୍ତୁ ନା ସେ ବହିକୁ ଆମେ ପଢିଥାଉ, ନା ସେ ପେ ିଂରୁ କିଛି ବୁଝିଥାଉ। କିନ୍ତୁ ଆମେ ତା'ର ଭୂୟସୀ ପ୍ରଶଂସା କରିଥାଉ। କିନ୍ତୁ ଏତିକି ତ





ଜାଣିଥାଉ ଯେ ସେ ବହି ଓ ପେ ିଂ ନିଶ୍ଚୟ ଉଚ୍ଚକୋଟୀର। ଜୀବନର କଥାକୁ ଉଭୟେ ଦର୍ଶାଇ ଥାନ୍ତି। ପାଠକ ଓ ଦର୍ଶକ, ଲେଖକ ଓ ଚିତ୍ରଶିଳ୍ପୀର ଚିନ୍ତାଧାରାକୁ ସମ୍ମାନ ଜଣାନ୍ତି। ପ୍ରକୃତ କଳା ପାଠକ ଓ ଦର୍ଶକକୁ ସଚେତନ କରିଥାଏ।

ଜୀବନ ଭିତରେ ଭାବ ଭରି ରହିଥାଏ। କେତେ ଭାବ ଅନ୍ତରକୁ ଉଦ୍‌ବେଳିତ କରିଥାଏ । ସ୍ନେହ, ପ୍ରେମ, ରାଗ, ଶୋକ, ଆଶ୍ଚର୍ଯ୍ୟ ଏ ସବୁ ଗୋଟିଏ ଗୋଟିଏ ଭାବ । ଯେତେବେଳେ ଭାବ ହୃଦୟ ଭିତରୁ ଉଚ୍ଛୁଳି ଆସେ, ସେତିକି ବେଳେ ସେ ସାହିତ୍ୟ, ସଂଗୀତ ଓ କଳାର ରୂପ ନିଏ। ସମଗ୍ର ବିଶ୍ୱ ହେଉଛି ଉଚ୍ଛୁଳା ଭାବର ପରିଣତି । ସଂସ୍କୃତି, କଳା ଓ ସାହିତ୍ୟର ପ୍ରତିଫଳନ। ସାହିତ୍ୟ କଳା, ସ୍ୱାଧୀନତା ଓ ସୃଜନଶୀଳତା ସମାଜକୁ ରାଜନୀତି ଅପେକ୍ଷା ଅଧିକ ଗତିଶୀଳ କରାଇଥାଏ। କଳା ଓ ସାହିତ୍ୟ ସମାଜର ଦର୍ପଣ। ଉଭୟେ ଘରର ଝର୍କା ସଦୃଶ୍ୟ ଯାଦ୍ୱାରା ଜଣେ ସମାଜକୁ ଦେଖିପାରିବ। ସମାଜର ଭଲ ଓ ଖରାପ ଛବି ସାହିତ୍ୟ ଓ କଳାରେ ପ୍ରତିଫଳିତ ହୋଇଥାଏ। ଜୀବନର ପ୍ରତିଟି ଛବିକୁ ଶିଳ୍ପୀ ନିଜ ତୂଳୀରେ ଆଙ୍କିଥାଏ। ଶିଳ୍ପୀ, ଲେଖକ, କବି, ପ୍ରାବନ୍ଧିକ, ନାଟ୍ୟକାର ଏବଂ ସଙ୍ଗୀତଶିଳ୍ପୀ ନିଜର କୃତି, ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ ଏବଂ ସଙ୍ଗୀତରେ ଜୀବନର ପ୍ରତିରୂପକୁ ହିଁ ଦେଖାଇଥାଏ। ଏକ ନାନ୍ଦନିକ ମାଧୁରିମାରେ ଏ ଜୀବନ ସୁନ୍ଦର ଓ ପରିପୁଷ୍ଟ - ପ୍ରତ୍ୟେକ ସ୍ରଷ୍ଟା ଏହି କଥା ହିଁ କହିଥାଏ।

ସମାଜ କ୍ରମଶଃ ଏଇ ସବୁ କଳା ଓ ସାହିତ୍ୟକୁ ମାଧ୍ୟମ କରି ଏକ ସାଂସ୍କୃତିକ ପରିବର୍ତ୍ତନ କରି ଅନ୍ୟ ପ୍ରକାରେ କହିଲେ ଏକ ସାମାଜିକ ବିପ୍ଲବ ଆଣିଥାଏ। ଏକ ଜାତିର ସଂସ୍କୃତିର ଅଭିବୃଦ୍ଧି ଘଟେ ଯେତେବେଳେ ଜଣେ ବୃଦ୍ଧ ଗଛଟିଏ ଲଗାଏ କିନ୍ତୁ ତା'ର ଛାଇ ତାକୁ ଦେବାଯାଏ ସିଏ ବ ୍ ନଥାଏ। ବୃଦ୍ଧଙ୍କର ଏଇ ଗଛ ଲଗେଇବା ନିସ୍ୱାର୍ଥପର ମନୋବୃତିର ପରିଚାୟକ। ସୃଜନ ଜଗତରେ କୁତ୍ରିମତାର ସ୍ଥାନ ନାହିଁ। ସମାଜ ପାଇଁ ସେଇ ବ୍ୟକ୍ତି ହିଁ କ୍ଷତିକାରକ ଯାହାର ସମାଜ ପାଇଁ କୌଣସି ଅବଦାନ ନଥାଏ କି ସିଏ କିଛି ହରାଏ ନାହିଁ। ଏକ ଉ ମ ସମାଜ ସିଏ ଯେଉଁଠି ଶିକ୍ଷିତ ବ୍ୟକ୍ତି ବା ଜଣେ କଳାକାର ସମ୍ମାନିତ ହୋଇଥାଏ। ସାମଗ୍ରୀକ ଭାବରେ ଯେଉଁ ସମାଜ ଜାତି ଧର୍ମ ବର୍ଣ୍ଣ ଲିଙ୍ଗର ପ୍ରଭେଦ ନ ରଖି ସାହିତ୍ୟିକ ଓ ଶିଳ୍ପୀଙ୍କୁ ନିଜ କୃତିର ପ୍ରସାର ପାଇଁ ସୁଯୋଗ ଦିଏ, ତାହା ହିଁ ଏକ ଆଦର୍ଶ ସମାଜ ବୋଲି ଆମେ କହିପାରିବା।

ଆଜି ଆଧୁନିକୀକରଣର ମହାପ୍ରବାହରେ ସମସ୍ତେ ଆଜି ନିମଗ୍ନ । ଅଧିକ ଶକ୍ତି ସାମର୍ଥ୍ୟ ଥାଉ କି ନଥାଉ ଅଧିକ ଉପାର୍ଜନ କରିବା, ଅଧିକ ଉପାର୍ଜନ ଥାଉ କି ନଥାଉ ଅଧିକ କ୍ରୟ, ଅଧିକ ଉପଭୋଗ କରିବା ଲାଳସାରେ ସମସ୍ତେ ଧାଉଁଛୁ । ସହରୀକରଣ ସାଜିଛି ଭୋଗବାଦୀ ଓ ବସ୍ତୁବାଦୀ ଦୁନିଆର ପେଣ୍ଠସ୍ଥଳୀ । ବସ୍ତୁବାଦର କୁହେଳିକା ଭିତରେ, କିଛି ଝାମ୍ପି ନେବାକୁ ନିଜ ନିଜ ସ୍ତରରେ ସମସ୍ତେ ବ୍ୟଗ୍ର ଓ ଉଦ୍ୟମରତ । ସମସ୍ତେ ପ୍ରତିଯୋଗିତାପ୍ରବଣ ହୋଇ ପଡ଼ିଛୁ । ଏହାଦ୍ୱାରା ସମାଜରେ ହୀନମନ୍ୟତା ଓ ବିକୃତ ମାନସିକତା ପ୍ରଚଣ୍ଡ ଭାବେ ବ୍ୟାପୁଛି । ଏହା ସାଥିରେ ସାମାଜିକ ମୂଲ୍ୟବୋଧର ଓ ମାନବୀୟ ଚେତନାର କ୍ଷିପ୍ର ଗୁଣାତ୍ମକ ଅବକ୍ଷୟ ଘଟୁଛି । ଜ୍ଞାନର ଆଲୋକରେ ଉଦ୍ଭାସିତ ବିଜ୍ଞାନ ଜଗତ୍‌ରେ ବି ଅନ୍ଧବିଶ୍ୱାସ ଓ କୁସଂସ୍କାର ବୃଦ୍ଧି ପାଉଛି । କର୍ମରେ ବିଶ୍ୱାସ ନ କରି ଭାଗ୍ୟରେ ବିଶ୍ୱାସ କରିବା । ସାରା ସମାଜ ଆମର ଧାଉଁଛି ଭୁଲ୍ ରାସ୍ତାରେ । ଶିକ୍ଷିତ ବର୍ଗଙ୍କ ଭିତରେ ମିଥ୍ୟା ଛଳନା, ପ୍ରତାରଣା, ପ୍ରବଂଚନା, ହିଂସା, ସନ୍ଦେହ, ଦ୍ୱେଷ ଓ ଅହଂଭାବ ସବୁ କିଛି ବଢିଚାଲିଛି । ଏହିସବୁ ହିଁ ସାମାଜିକ ବ୍ୟାଧି । ଏହା କୌଣସି ସୁସ୍ଥ ସମାଜର ଲକ୍ଷଣ ଆଦୌ ନୁହେଁ । ଆଜି ଯଦି କିଏ ଶାସନ କରୁଥାଏ ତାହ ହେଉଛି କେବଳ ଟଙ୍କା । ଶାନ୍ତି ଓ ସୁରକ୍ଷାର ଅଭାବ ସବୁଆଡ଼େ । ସମାଜ ଆମର ପାଲଟିଛି କୃତ୍ରିମ ଓ ରୁଗ୍‌ଣ । ତେଣୁ ଏ ପରିପ୍ରେକ୍ଷୀରେ ସାହିତ୍ୟର ଦାୟିତ୍ୱ ହେଉଛି ସମାଜକୁ ସୁସ୍ଥ ରଖିବା, ସମାଜକୁ ଓ ବ୍ୟକ୍ତି ବିଶେଷକୁ ଠିକ୍ ମାର୍ଗରେ ଅଗ୍ରସର କରିବାକୁ ଇଙ୍ଗିତ ଦେବା । ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ସତ, କିନ୍ତୁ ଆମର ଓଡ଼ିଆ ଭାଷା ପ୍ରତି ଓଡ଼ିଶାର ଉଚ୍ଚଶିକ୍ଷିତ ଗୋଷ୍ଠୀଙ୍କର ବିମୁଖତା ଖୁବ୍ ବୃଦ୍ଧି ପାଉଛି । ଚାକିରିଆ ମନୋବୃତି ଆମକୁ ଇଂରାଜୀ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରୁଛି । ଶିକ୍ଷାର ଗୁଣାତ୍ମକ ମାନ ଆଦୌ ବଢୁ ନାହିଁ । ଏ ପ୍ରକାର ପାଠପଢ଼ା ବ୍ୟବସ୍ଥା ଦ୍ୱାରା, ଶିକ୍ଷିତ ବ୍ୟକ୍ତିର ସାମାଜିକ ସମ୍ପୃକ୍ତି କମି କମି ଯାଉଛି । ପିଲାମାନଙ୍କ ଶୈଶବର ସୁଖ ହଜିଗଲାଣି । ବାଲ୍ୟାବସ୍ଥାକୁ ଅଧିକ ଉପଭୋଗମୟ କରିବାର ଚେଷ୍ଟା ଆଦୌ ନାହିଁ । ସେମାନଙ୍କ ମେଧା ଶକ୍ତି ଅତିରିକ୍ତ ପାଠପଢ଼ା ଚାପରେ ନଷ୍ଟ ହୋଇଯାଉଛି । ନୂଆ ଇଂରାଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ପିଲାଙ୍କ ସୃଜନୀ ଶକ୍ତିର ବିକାଶ କରିବା ବାହାନା କରୁଛି ମାତ୍ର । ଇଂରାଜୀରେ ପାଠ ପଢ଼ିବା ଆଦୌ ଦୋଷାବହ ନୁହେଁ । କିନ୍ତୁ ଇଂରାଜୀ ସାମ୍ରାଜ୍ୟବାଦର ଅହମିକା ଓ ବିଦେଶୀ ମାନସିକତା ଆମର ଯୁବ ପିଢ଼ୀକୁ ଗ୍ରାସ କରିବା ଖୁବ୍ ବିପଦ୍‌ଜନକ ।





ସାହିତ୍ୟ ସଭାରେ ଲୋକଙ୍କ ଆଗ୍ରହ ଓ ଅନୁରାଗ କମିବାରେ ଲାଗିଛି । ବିଶେଷକରି ଓଡିଆ ପାଠକମାନଙ୍କର ବହି କିଣିବା ପ୍ରବଣତା ଖୁବ୍ କମି କମି ଯାଉଛି । ପୁସ୍ତକର କୌଣସି ବିକଳ୍ପ ନାହିଁ ଯେପରି ମାଆ, ଲାଇବ୍ରେରୀ, ଶିକ୍ଷକ ଇତ୍ୟାଦିର ବିକଳ୍ପ ନଥାଏ । କୌଣସି ମାଆ ଅସୁନ୍ଦରୀ ନୁହଁନ୍ତି । କୌଣସି ପୁସ୍ତକ ଅଦରକାରୀ ନୁହେଁ, କୌଣସି ଫଳ ସ୍ୱାଦହୀନ ନୁହେଁ । କୌଣସି ଫୁଲ ଗନ୍ଧହୀନ ନୁହେଁ । କୌଣସି ନାରୀ ବିଧବା ନୁହଁନ୍ତି । କୌଣସି ଶିଶୁ ଜାରଜ ନୁହଁନ୍ତି । କୌଣସି ପାଣି ଖରାପ ନୁହେଁ । ଏ ସବୁ କଥା କହିବାର ଅର୍ଥ ହେଲା ଏ ସୃଷ୍ଟିରେ ସବୁ କିଛି ମହନୀୟ । ଜଣେ ଶିଳ୍ପୀର ଦୃଷ୍ଟିରେ ସବୁ ସୁନ୍ଦର । ସେହି ଲୋକ ସୁଖୀ ଯାହାର ଗୋଟେ ଲାଇବ୍ରେରୀ ଅଛି, କିଛି ଭଲ ପେ ିଂ ଅଛି, ଗୋଟେ ବଗିଚା ଅଛି । ଏ ସବୁ ହିଁ ତା'ର ସ୍ୱର୍ଗ । ସିଏ ମରିସାରି ସ୍ୱର୍ଗ ଦେଖିବାକୁ ଚାହିଁବନି । ଆମେ ପିଲାଙ୍କ ସେଇ ପୁସ୍ତକ ପଢିବାକୁ ଦେବାନି ଯେଉଁ ପୁସ୍ତକ ଆମକୁ ଭଲ ଲାଗିଲାନି । କିଛି ଲୋକ ମନୋରଞ୍ଜନ ପାଇଁ ବହି ପଢନ୍ତି । ପିଲାଙ୍କ ପରୀକ୍ଷାରେ ପାସ୍ କଲାପରି କଥା । ସମୟ କାଟିବା ପାଇଁ ବହି ପଢନ୍ତି । ବର୍ଷମାନଙ୍କ ସହିତ ଆହୁରି ଜୀବନ ଯୋଡିବା ପାଇଁ ବହି ପଢିବା ଉଚିତ । ଜୀବନ ସହିତ ବର୍ଷମାନଙ୍କୁ ଯୋଡିବା ପାଇଁ ନୁହେଁ । ଉଚ୍ଚମାନର ଜୀବନ ପାଇଁ, ଏକ ବୌଦ୍ଧିକ ଉତରଣ ପାଇଁ ବହି ପଢିବା ଉଚିତ । ବହି ହିଁ ଜୀବନର ଶ୍ରେଷ୍ଠ ସାଥି । ଚିନ୍ତାଶକ୍ତିକୁ ଉନ୍ନତ କରିବାପାଇଁ ମାତୃ ଭାଷା ପ୍ରତି ପ୍ରେମ ଓ ମାତୃ ଭାଷାରେ ଲିଖନ ଓ ପଠନ ଅଭ୍ୟାସ କରିବା ଉଚିତ ।

ଭାରତୀୟ ସଂସ୍କୃତି କେତେ ଉନ୍ନତ ଓ ଉତ୍କୃଷ୍ଟ । ଆମ ସଂସ୍କୃତି ହେଉଛି ପ୍ରେମ, ତ୍ୟାଗ, ସେବା, ଭକ୍ତି ର ସଂସ୍କୃତି । ସଂସ୍କୃତି ହେଉଛି ବ୍ୟକ୍ତିଗତ ମାନବିକତାର ଆଧାର । ଏହା ସ୍ୱାଧୀନ; ନ୍ୟାୟ ଅନ୍ୟାୟର ଉର୍ଦ୍ଧ୍ୱରେ । ମଣିଷର ଜ୍ଞାନର ପରିପକ୍ୱତା ସଂସ୍କୃତିକୁ ରକ୍ଷା କରେ ଓ ଉତ୍କୃଷ୍ଟ କରେ । ସଂସ୍କୃତି ଜାତୀୟ ପ୍ରେମ ଓ ରାଷ୍ଟ୍ର ଚେତନା ଜାଗ୍ରତ କରେ । ସଂସ୍କୃତିକ ସମସ୍ତ ଉପାଦାନ ଯୁଗ ଯୁଗ ଧରି, ପିଢୀ ପରେ ପିଢୀ ମଣିଷ ସଂଗ୍ରହ କରିଥାଏ । କିନ୍ତୁ ଆମ ସଂସ୍କୃତି ଆଜି କେବଳ ଔପଚାରିକତାରେ (ପୂଜା, ଉପାସନା, ପର୍ବ, ତିଥିବାର, ନକ୍ଷେତ୍ର ଇତ୍ୟାଦି) ବନ୍ଧା ।

ସମାଜ ଆମର ପାଲଟିଛି କୃତ୍ରିମ ଓ ରୁଗ୍‌ଣ । ତେଣୁ ଏ ପରିପ୍ରେକ୍ଷୀରେ ସାହିତ୍ୟର ଦାୟିତ୍ୱ ହେଉଛି ସମାଜକୁ ସୁସ୍ଥ ରଖିବା, ସମାଜକୁ ଓ ବ୍ୟକ୍ତି ବିଶେଷକୁ ଠିକ୍ ମାର୍ଗରେ ଅଗ୍ରସର କରିବାକୁ ଇଙ୍ଗିତ ଦେବା । ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ସତ, କିନ୍ତୁ ଆମର ଓଡ଼ିଆ ଭାଷା ପ୍ରତି ଓଡ଼ିଶାର ଉଚ୍ଚଶିକ୍ଷିତ ଗୋଷ୍ଠୀଙ୍କର

ବିମୁଖତା ଖୁବ୍ ବୃଦ୍ଧି ପାଉଛି । ଚାକିରିଆ ମନୋବୃତି ଆମକୁ ଇଂରାଜୀ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରୁଛି । ଶିକ୍ଷାର ଗୁଣାତ୍ମକ ମାନ ଆଦୌ ବଢୁ ନାହିଁ । ଏ ପ୍ରକାର ପାଠପଢ଼ା ବ୍ୟବସ୍ଥା ଦ୍ୱାରା, ଶିକ୍ଷିତ ବ୍ୟକ୍ତିର ସାମାଜିକ ସମ୍ପୃକ୍ତି କମି କମି ଯାଉଛି । ପିଲାମାନଙ୍କ ଶୈଶବର ଅନନ୍ଦ ହଜିଗଲାଣି । ବାଲ୍ୟାବସ୍ଥାକୁ ଅଧିକ  ଉପଭୋଗମୟ କରିବା ପରିବର୍ତେ ମାନସିକ ଚାପ ବୃଦ୍ଧି ପାଉଛି । ସେମାନଙ୍କ ମେଧା ଶକ୍ତି ଅତିରିକ୍ତ ପାଠପଢ଼ା ଚାପରେ ନଷ୍ଟ ହୋଇଯାଉଛି । ପାଠ ଆଉ  ସ୍ୱାସ୍ଥ୍ୟ ବଜାରର କିଣାବିକା ବସ୍ତୁ ହୋଇ ଯାଇଛି ।  ନୂଆ ଇଂରାଜୀ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ପିଲାଙ୍କ ସୃଜନୀ ଶକ୍ତିର ବିକାଶ କରିବାର ବାହାନା କରୁଛି ମାତ୍ର ।   ପିଲାମାନଙ୍କର ଚାତୁର୍ଯ୍ୟ ଓ ଆଇକ୍ୟୁ ବୃଦ୍ଧି ପାଉଛି ସତ, କିନ୍ତୁ ସେମାନଙ୍କର ସିକ୍ୟୁ(କଲ୍‌ଚରାଲ କୋସେଣ୍ଟ) ଇକ୍ୟୁ (ଇମୋସ୍‌ନାଲ କୋସେଣ୍ଟ) ଆଉ ଏକ୍ୟୁ ( ଆଡ୍‌ଭର୍‌ସିଟି କୋସେଣ୍ଟ)ରେ ହ୍ରାସ ଘଟୁଛି । ସେମାନେ ପୂରା  ଛାତ୍ର ହୋଇ ପାରନ୍ତି କିନ୍ତୁ ଅଧା ପିଲା । ସଂସ୍କୃତି  ଦିଗରେ  ଶୂନ ଓ ଆଧ୍ୟାତ୍ମିକତା  ଦିଗରେ  ଦେବାଳିଆ । ସେମାନଙ୍କର ସଂସ୍କାର ବିହୀନ ଜୀବନ ଚର୍ଯ୍ୟା । ସଂସ୍କାର  ବିନା ସଂସ୍କୃତି ଅସମୀଚିନ । ଇଂରାଜୀରେ ପାଠ ପଢ଼ିବା ଆଦୌ ଦୋଷାବହ ନୁହେଁ । କିନ୍ତୁ ଇଂରାଜୀ ସାମ୍ରାଜ୍ୟବାଦର ଅହମିକା ଓ ବିଦେଶୀ ମାନସିକତା ଆମର ଯୁବ ପିଢ଼ୀକୁ ଗ୍ରାସ କରିବା ଖୁବ୍ ବିପଦ୍‌ଜନକ ।

ସମସ୍ତେ ସଫଳତା ପାଇଁ ଆତ୍ମ କୈନ୍ଦ୍ରିକ ହୋଇ ଉଠୁଛନ୍ତି । ମନୁଷ୍ୟ ଅର୍ଥ, ପଦ, କ୍ଷମତା ଭିତରେ ସଫଳତା ସହ ହସିଲେ ବି ଜୀବନରେ ଶାନ୍ତି ଓ ଆନନ୍ଦର ଅଭାବ ପରିଲକ୍ଷିତ ହେଉଅଛି । ସଭ୍ୟତା  ଠାରୁ ସଂସ୍କୃତି  ଅଲଗା, ଯେବେଠୁ ସୁଖ ଠାରୁ ଆନନ୍ଦ;  ଆଉ ଜୀବିକା ଠାରୁ ଜୀବନ, ଧର୍ମଠାରୁ  ଆଧ୍ୟାତ୍ମିକତା ଅଲଗା ହେଇଯାଇଛି ।   ପ୍ରାକୃତିକତା ଠାରୁ କୃତ୍ରିମତାର ଦୂରତ୍ୱ, ମମିଠାରୁ ମା'ର ଦୂରତ୍ୱ, ଶିକ୍ଷକ ଠାରୁ ଗୁରୁର ଦୂରତ୍ୱ ଯେତିକି  ବଢିଛି, ସଭ୍ୟତା  ଠାରୁ ସଂସ୍କୃତି ଦୂରତ୍ୱ ସେତିକି ବଢ଼ିଛି । ନଦୀ ସହ ସମୁଦ୍ରର, ଜହ୍ନ ସହ ଜ୍ୟୋସ୍ନାର, ନକ୍ଷେତ୍ର ସହ ଆକାଶର ଯେତିକି ନିବିଡ ସଂପର୍କ, ସଂସ୍କୃତି ସହ ଜୀବନର  ସଂପର୍କ ସେତିକି  ନିବିଡ । ଭୋଗବାଦୀ ସଭ୍ୟତା ମଣିଷକୁ ଲୋଭଗ୍ରସ୍ଥ  ଓ ଅୟସଖୋର କରିଦେଇଛି । ଶିକ୍ଷିତ, ଧନୀ ଓ ସଫଳ ଲୋକେ ଅଧିକ ସ୍ୱାର୍ଥପରତାରେ ଜଡ଼ିତ, ଯଦିଓ ସେମାନଙ୍କ ମଧ୍ୟରୁ କିଛି  ସାଧୁ ଓ ଅଧିକ କର୍ମଠ ହେଇପାରନ୍ତି ।  ପେଷା, ପଇସା, ଚାକିରୀ, ପ୍ରତିଷ୍ଠା, ସମ୍ମାନ ପଛରେ ଆଖି ବୁଜି ସମସ୍ତେ ଧାଉଁଛନ୍ତି ।  ଯଦି ଆମେ ସାମାଜିକ ଦାୟିତ୍ୱ ନିର୍ବାହ କରିବାରେ ହେଳା କରୁଛୁ, ନିଜର କର୍ତବ୍ୟ ଠିକ୍ ଭାବେ ତୁଲାଉଛୁ ବୋଲି ଗର୍ବ କରିବାରେ କିଛି





ମାନେ ହୁଏନା । ସାମାଜିକ ଭୂମିକା, ସାମାଜିକ ମୂଲ୍ୟବୋଧର କ୍ଷୟ ଆଜି ଛତ୍ରେଛତ୍ରେ । ତେଣୁ ଚୋର ଓ ସଚ୍ଚୋଟ ମଧ୍ୟରେ ଯାହା ପାର୍ଥକ୍ୟ ଥିଲେ ବି ଗୋଟିଏ କ୍ଷେତ୍ରରେ ସେମାନେ ସମାନ । ବ୍ୟକ୍ତି ଜଣକ ଠକ, ଚୋର ହୋଇପାରେ, କିମ୍ଵା ନୀତିନିଷ୍ଠ, ସାଧୁ ହୋଇପାରେ । ଉଭୟ ସମାଜର କ୍ଷତି କରନ୍ତି କାରଣ ସମାଜ ପ୍ରତି ଉଭୟଙ୍କର ଦାୟିତ୍ୱବୋଧର ଅଭାବ । ଚୋର ଦେଖାଯାଏ,  କିନ୍ତୁ ସାଧୁ ଦେଖାଯାଏ ନାହିଁ ।

ଆମେ ଯେତେ ଆଧୁନିକ ହୋଇ ଚାଲିଛେ, ଆମ ସମାଜ ସେତିକି ବେଶି ବସ୍ତୁବାଦୀ ହୋଇ ଯାଉଛି । ଅନ୍ୟ ପ୍ରକାରେ କହିଲେ ବେଶି ଉପଭୋକ୍ତାବାଦୀ ହୋଇଯାଇଛୁ । ଆଧୁନିକତା କେବଳ  କୃତ୍ରିମତାରେ ଭରା । ଆଧୁନିକତାର ଭୁଲ୍ ରାସ୍ତାକୁ ଆମେ ଠିକ୍ ରାସ୍ତା ବୋଲି କହୁଛୁ । ମଣିଷ ମଣିଷପଣିଆଠୁ ଦୂରେଇ ଯାଉଛି । ସାମାଜିକ ଅଧୋଗତି ଓ ସଂସ୍କୃତିକ ସ୍ଖଳନ ଘଟିଚାଲିଛି । ଯୁବ ପ୍ରାଣରେ ଆଜି ଆଉ ଆବେଗ ନାହିଁ । ସ୍ୱପ୍ନ ବିହୀନ ଓ ଲକ୍ଷଭ୍ରଷ୍ଟ । ନିଷ୍ଠା, ପ୍ରଚେଷ୍ଟା, ଧର୍ଯ୍ୟର ଘୋର ଅଭାବ । ବେଗ, ଆବେଗର  ପରିପନ୍ଥୀ ସାଜିଛି, ବୃ ି ପ୍ରବୃ ିର ଶତ୍ରୁ ସାଜିଛି । ବ ର୍ମାନ ବଜାର ଓ ବୈଷୟିକ ପରିବେଶ ଖୁବ୍ ବିଷାକ୍ତମୟ । ଏହା ସମାଜ ପାଇଁ ସବୁଠୁ ବିପଦ୍‌ଜନକ । ଏଇ ପରିପ୍ରେକ୍ଷୀରେ ଶିକ୍ଷାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଜୀବନ ସହିତ ସାହିତ୍ୟର ସମ୍ପର୍କ ନିବିଡ଼ ହୋଇଥିବାରୁ ସାହିତ୍ୟର ଉପସ୍ଥିତି ଜୀବନରେ ରହିଲେ ଜୀବନର ମାଧୁରୀ ବଢେ । ନଚେତ୍ ଜୀବନ ଯନ୍ତ୍ରଣାଦାୟକ ପାଲଟିଯିବ । ରୁକ୍ଷତା ଓ କଠୋରତା ଜୀବନରେ ଅଧିକ ପ୍ରକାଶ ପାଇବ ।  ହିଂସା, ଦୁର୍ନୀତି, ଅନୀତି, ଶୋଷଣ ସମାଜରେ ବୃଦ୍ଧି ପାଇବ । ସାହିତ୍ୟର ସ୍ପର୍ଶରେ ବ୍ୟକ୍ତିଗତ ଜୀବନ ମଧୁମୟ ହୁଏ ।  ସାହିତ୍ୟ ଜୀବନ ଓ ଜୀବିକାର ସଜ୍ଞା ନିରୂପଣ କରେ । ସାହିତ୍ୟ ବେଗ-ଆବେଗ, ପେଶା-ନିଶା, ବୃ ି-ପ୍ରବୃ ି, ଗତି-ପ୍ରଗତି, ସଭ୍ୟତା-ସଂସ୍କୃତି ପାର୍ଥକ୍ୟ ବୁଝାଏ । ସାହିତ୍ୟ କୁହେ - କ୍ଷୁଦ୍ର ହିଁ ସୁନ୍ଦର, ଜୀବନ ମୂଲ୍ୟବାନ ଓ ମଣିଷ ଜୀବନ ଅର୍ଥପୂର୍ଣ୍ଣ । ଶିକ୍ଷା ବ୍ୟବସ୍ଥା ଆମକୁ ଆମ ବୟସ ସହ ଜୀବନକୁ କିପରି ଯୋଡାଯାଇପାରିବ ଶିଖାଏ । ଶିକ୍ଷା ବ୍ୟକ୍ତିଗତ ଡିଗ୍ରୀ ହାସଲ ନୁହେଁ; ବ୍ୟକ୍ତି ଓ ସମାଜକୁ ଉପଯୁକ୍ତ ମାର୍ଗ ଦେଖାଏ ।

ସମାଜ କ୍ରମଶଃ  ଶିକ୍ଷା, କଳା ଓ ସାହିତ୍ୟକୁ ମାଧମ କରି ଏକ ସାଂସ୍କୃତିକ ପରିବ ର୍ନ କରି ଏକ ସାମାଜିକ ବିପ୍ଳବ ଆଣିଥାଏ । ଜୀବନର କଥାକୁ ଉଭୟେ କଳାକାର ଓ ସାହିତ୍ୟିକ  ଦର୍ଶାଇ ଥାନ୍ତି । ପାଠକ ଓ ଦର୍ଶକ, ଲେଖକ ଓ ଚିତ୍ରଶିଳ୍ପୀର ଚିନ୍ତାଧାରାକୁ ସମ୍ମାନ ଜଣାନ୍ତି । ପ୍ରକୃତ କଳା, ପାଠକ ଓ ଦର୍ଶକକୁ ସଚେତନ କରିଥାଏ ।

ଶିଳ୍ପୀ, ଲେଖକ, କବି, ପ୍ରାବନ୍ଧିକ, କଳାକାର, ନାଟ୍ୟକାର ଏବଂ ସଙ୍ଗୀତଶିଳ୍ପୀ ନିଜର କୃତି, ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ ଏବଂ ସଙ୍ଗୀତରେ ଜୀବନର ପ୍ରତିରୂପକୁ ହିଁ ଦେଖାଇଥାଏ । ଏକ ନାନ୍ଦନିକ ମାଧୁରିମାରେ ଏ ଜୀବନ ସୁନ୍ଦର ଓ ପରିପୁଷ୍ଟ - ପ୍ରତ୍ୟେକ ସ୍ରଷ୍ଟା ଏହି କଥା ହିଁ କହିଥାଏ ।ଏକ ଜାତିର ସଂସ୍କୃତିର ଅଭିବୃଦ୍ଧି ଘଟେ ଯେତେବେଳେ ଜଣେ ବୃଦ୍ଧ ଗଛଟିଏ ଲଗାଏ, କିନ୍ତୁ ତା'ର ଛାଇ ପାଇବାର ଆଶା ସେ ରଖି ନ ଥାଏ । କାରଣ ସେ ଗଛ ଛାଇ ଦେବାଯାଏ ସିଏ ବି ନଥାଏ । ସଂସ୍କୃତିର ଏଇ ଗଛ ଲଗେଇବା ନିଃସ୍ୱାର୍ଥପର ମନୋବୃ ି ର ପରିଚାୟକ। ସୃଜନ ଜଗତରେ କୃତ୍ରିମତାର ସ୍ଥାନ ନାହିଁ। ସମାଜ ପାଇଁ ସେଇ ବ୍ୟକ୍ତି ହିଁ କ୍ଷତିକାରକ ଯାହାର ସମାଜ ପାଇଁ କୌଣସି ଅବଦାନ ନଥାଏ କି ସିଏ କିଛି ହରାଏ ନାହିଁ । ଏକ ଉ ମ ସମାଜ ତାକୁ କୁହାଯାଏ ଯେଉଁଠି ଜଣେ ବିଦ୍ୱାନ, ଜ୍ଞାନି ଗୁଣି ବ୍ୟକ୍ତି,କବି,ସାହିତ୍ୟିକ ବା ଜଣେ କଳାକାର ସମ୍ମାନିତ ହୋଇଥାଏ । ସାମଗ୍ରୀକ ଭାବରେ ଯେଉଁ ସମାଜ ଜାତି ଧର୍ମ ବର୍ଣ୍ଣ ଲିଙ୍ଗ ଓ ବୟସର ପ୍ରଭେଦ ନ ରଖି ବିଦ୍ୱାନ, ସାହିତ୍ୟିକ, ଶିଳ୍ପୀ ଓ କଳାକାରଙ୍କୁ ନିଜ କୃତିର ପ୍ରସାର ପାଇଁ ସୁଯୋଗ ଦିଏ, ତାହା ହିଁ ଏକ ଆଦର୍ଶ ସମାଜ ବୋଲି ଆମେ କହିପାରିବା । ଆଦର୍ଶ ସଂସ୍କୃତିର ଲକ୍ଷ୍ୟଣ ହେଉଛି ବୟସ୍କ ଲୋକମାନଙ୍କ ସହିତ ଯୁବକ ବର୍ଗର ନିବିଡ ସଂପର୍କ। ଶିକ୍ଷା,ସାହିତ୍ୟ, କଳା, ଜ୍ଞାନ ସମସ୍ତ ଦିଗରେ ନିପୁଣତା ହାସଲ କରିଥିବା ବ୍ୟକ୍ତିମାନଙ୍କର ଅଭିଜ୍ଞତାକୁ ଆଧାର କରି ଠିକ୍ ଦିଗ ଚୟନ କରିବା ସଂଗେ ସଂଗେ ପୂର୍ବ ପିଢିର ଅନୁଭୁତିର ଉପାଦେୟତାକୁ ହୃଦୟଙ୍ଗମ କରିବା । ନୁତନ କଳାକାର ପୂର୍ବ ପିଢୀର କଳାକାରଙ୍କୁ ଉଚିତ ଶ୍ରଦ୍ଧା ସମ୍ମାନ କରିବା ଉଚିତ । ନୁତନ ବୈଜ୍ଞାନିକ ପୂର୍ବ ପିଢୀର ବୈଜ୍ଞାନିକଙ୍କୁ ଉଚିତ ଶ୍ରଦ୍ଧା ସମ୍ମାନ କରିବା ଉଚିତ । ନୁତନ କବି, ଶିକ୍ଷକ, କିମ୍ବା ସାହିତ୍ୟିକ ପୂର୍ବ ପିଢୀର ଶିକ୍ଷକ ଓ ସାହିତ୍ୟିକଙ୍କୁ ଉଚିତ ଶ୍ରଦ୍ଧା ସମ୍ମାନ କରିବା ଉଚିତ । ଏହା ଫଳରେ ନୂତନ ପିଢୀର ଚିନ୍ତାଚେତନାରେ ଅବିରତ ଉତରଣ ଘଟିଚାଲେ । ଯେଉଁ ସମାଜରେ ବୈଜ୍ଞାନିକ, ସାହିତ୍ୟିକ, କବି , ଶିକ୍ଷକ ସେମାନଙ୍କର ସମାନ ବୃ ି ଧାରୀ ବ୍ୟକ୍ତିଙ୍କୁ ଇର୍ଷା କିମ୍ବା ତିରସ୍କାର କରନ୍ତି ସେଠାରେ ସାଂସ୍କୃତିକ ଅଧୋଗତି ଘଟେ । ସେଥିପାଇଁ ସମାଜ ଦିଗହରା ହୋଇଯାଏ । ପ୍ରଗତି ପଥରେ ଅଗ୍ରସର ନହୋଇ ବିନାଶ ପଥରେ ଅଗ୍ରସର ହୁଏ । ସମାଜ ପଛେଇ ଚାଲୁଛି ବୋଲି ନ ମାନି, ଓଲଟା ସେଇ ତ୍ରୁଟିପୂର୍ଣ୍ଣ ଧାରାକୁ ବଳିଷ୍ଠ ଯୁକ୍ତି ଦ୍ୱାରା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି





ସାବ୍ୟସ୍ତ କରେ । ଶିକ୍ଷା, ଜ୍ଞାନ ବିଜ୍ଞାନ ସବୁ କିଛି ଯୁକ୍ତି ଆଧାରିତ । ଯୁକ୍ତି ନିହିତ ଜ୍ଞାନ ମଣିଷର ସମାଜିକ ପରିଚୟ ସୃଷ୍ଟି କରେ ଏବଂ ସେହି ପରିଚୟକୁ ସୁରକ୍ଷିତ ରଖିବାକୁ ସମସ୍ତ ପ୍ରୟାସ ମଧ କରେ । ମଣିଷର ବିବେକ ରହିତ ଜ୍ଞାନ ର ବିକଶିତ ହେଲେ ସମାଜିକ ବିକାଶ ବାଧାପ୍ରାପ୍ତ ହୁଏ ।

ଦୁଖର କଥା ଏବେ ସାହିତ୍ୟ ସଭାରେ ଶ୍ରୋତାଙ୍କର ଉପସ୍ଥିତି କମିବାରେ ଲାଗିଛି । ବିଶେଷକରି ଓଡିଆ ପାଠକମାନଙ୍କର ବହି କିଣିବା ପ୍ରବଣତା ଖୁବ୍ କମି କମି ଯାଉଛି । ପୁସ୍ତକର କୌଣସି ବିକଳ୍ପ ନାହିଁ । ବର୍ଷମାନଙ୍କ ସହିତ ଆହୁରି ଜୀବନ ଯୋଡିବା ପାଇଁ ବହି ଶିଖାଏ । ଜୀବନ ସହିତ ବର୍ଷମାନଙ୍କୁ ଯୋଡିବା ପାଇଁ ନୁହେଁ । ଉଚ୍ଚମାନର ଜୀବନ ପାଇଁ, ଏକ ବୌଦ୍ଧିକ ଉତରଣ ପାଇଁ ବହି ଏକ ଉତ୍କୃଷ୍ଟ ମଧମ । ବହି ହିଁ ଜୀବନର ଶ୍ରେଷ୍ଠ ସାଥୀ । ଚିନ୍ତାଶକ୍ତିକୁ ଉନ୍ନତ କରିବାପାଇଁ ପଠନ ଅଭ୍ୟାସ ଅବଶ୍ୟକ । ସାମାଜିକ ଅଧୋଗତି ଅର୍ଥନୈତିକ ଅଗ୍ରଗତି ଏବେ ଘନିଷ୍ଠ ଭାବେ ଜଡ଼ିତ । ଆର୍ଥିକ ବିକାଶ ଯଦିଓ ଏହାର ଏକମାତ୍ର କାରଣ ନୁହେଁ, କିନ୍ତୁ ସ୍ୱୀକାର କରିବାକୁ ହେବ ଯେ ଆର୍ଥିକ ଅଭିବୃଦ୍ଧି ସାଙ୍ଗେ ଆସିଛି ପାଶ୍ଚାତ୍ୟ ଦେଶର ଆମ ଦେଶ ଉପରେ ସାଂସ୍କୃତିକ ଆକ୍ରମଣ । ସେଥିରୁ ଜାତ ହୋଇଛି ସାମାଜିକ ସ୍ଖଳନ । ଆମ ଓଡିଶା, ସମସ୍ତ ପଛୁଆ ରାଜ୍ୟ ପରି ଏହା ଦ୍ୱାରା ଅଧିକ ପରିମାଣରେ ଆକ୍ରାନ୍ତ । ଆମେ ସମସ୍ତେ ଅନୁକରଣପ୍ରିୟ ହୋଇ ଯାଉଛୁ । ଆଧୁନିକୀକରଣର ପ୍ରଭାବରେ, ସଂସ୍କୃତି ହୋଇଛି ସହରୀ ଅପସଂସ୍କୃତି , 'ବାଟ ହୋଇଛି ଅବାଟ,' ମଣିଷ ହୋଇଛି ଅମଣିଷ'। ଦୂର୍ନିତି ହେଇଛି ନୀତି । ନିଜକୁ ସାଧୁ, ସଚ୍ଚୋଟ, ଶିକ୍ଷିତ ବୋଲାଉଥିବା ବ୍ୟକ୍ତି ମଧ୍ୟ ନିଗୂଢ଼ ଭାବେ ଅମଣିଷ ସାଜୁଛି । ତେଣୁ ଏ ଧାରା ଘୋର ବିପଦ୍‌ଜନକ ଆମ ସମାଜ ପାଇଁ। ଆମେ ବୈଷମ୍ୟ ଭରା ସମାଜ ଭିତରେ ଏବେ ଅମାନବୀୟ ମୂଲ୍ୟବୋଧ ସମ୍ବଳିତ ଧାରାରେ ପାଗଳ ପରି ଧାଉଁଛୁ ।

ଆଧୁନିକୀକରଣର ମହାପ୍ରବାହର ବିକୃତ ଧାରାରେ ଆମେ ସାମିଲ ହୋଇଛୁ । ସାରା ସମାଜ ସାଜିଛି ବଜାରମୁଖୀ । ଆମର ସାଂସ୍କୃତିକ ପୁଞ୍ଜି ଓ ଆମ ସାମାଜିକ ମୂଲ୍ୟବୋଧ ଏବେ ସମ୍ପୂର୍ଣ୍ଣ ଆକ୍ରାନ୍ତ । ବଜାର ବିଜ୍ଞାନ ସାଥୀରେ ଚାଲିଥିବା ବେଳେ ସଂସ୍କୃତି ପଛରେ ପଡ଼ିଯାଇଛି । ବିଜ୍ଞାନ ସମାଜର ସାଥୀ ନ ହୋଇ ବଜାରର

ସାଥୀ ହେବା ହେଉଛି ଏକ ବିଡ଼ମ୍ବନା । ଏହି ଦିଗହରା ବେଳରେ ସଠିକ୍ ବାଟ ଦେଖାଇବ ଏକମାତ୍ର କଳା ଓ ସାହିତ୍ୟ । ଯେଉଁଠି ସାହିତ୍ୟର ଗୁଣାତ୍ମକ ଅବକ୍ଷୟ ଘଟେ, ସେଠି ସଭ୍ୟତାର ମଧ୍ୟ ବିନାଶ ଘଟେ । କାରଣ  ସାହିତ୍ୟ ବିନା ସଂସ୍କୃତି ପାଲଟେ ବନ୍ଧ୍ୟା । ଏଇ ମର୍ମରେ ଏ ଆଲୋଚନାକୁ  ଦୁଇଟି   ବିନ୍ଦୁରେ ଏଇଠି ସମାପ୍ତ କରିବା । ପ୍ରଥମେ, ଯେତେବେଳେ ଅର୍ଥନୈତିକ ବୈଷମ୍ୟ ନିରନ୍ତର ଭାବେ ବୃଦ୍ଧି ପାଉଛି ଓ ସାମାଜିକ ମୂଲ୍ୟବୋଧ  ହ୍ରାସ ଘଟୁଛି, ଶିକ୍ଷା, କଳା , ସଂସ୍କୃତି ଓ ସାହିତ୍ୟ ହିଁ ସମାଜକୁ ସୁସ୍ଥ ରଖି ପାରିବ । ଯେତେବେଳେ ଭୋଗ-ବିଳାସର ମାନସିକ ବ୍ୟାଧି ଭିତରେ ମାନବିକତାର ଘୋର ଅଭାବ ନିରନ୍ତର ଦେଖାଦେଲାଣି , ଶିକ୍ଷାର ସମାଜିକ ଭୂମିକା, ଆଜି ଅଧିକରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ଦ୍ୱିତୀୟରେ, ପାଶ୍ଚାତ୍ୟର ସାଂସ୍କୃତିକ ଆକ୍ରମଣରେ ଆମର ସଂସ୍କୃତି ଏବେ ସମ୍ପୂର୍ଣ୍ଣ ଆକ୍ରାନ୍ତ  । ତାକୁ କେବଳ ରକ୍ଷା କରିପାରିବ ମାନବିକତା ଓ ଆମ ସଂସ୍କୃତି । ଉତ୍କୃଷ୍ଟ ସାହିତ୍ୟ ଓ କଳା କେବଳ ସାଂସ୍କୃତିକ ଉତ୍କୃଷ୍ଟତା ବର୍ଦ୍ଧନ କରି ସୁସ୍ଥ ସମାଜ ଗଠନ କରିପାରିବ ।  ତେଣୁ ଶିକ୍ଷିତ ଲୋକ ମାନଙ୍କର ସାମାଜିକ ସଂପୃକ୍ତି ଓ ଭୂମିକା ବୃଦ୍ଧିପାଇବା ନିହାତି ଜରୁରୀ ।

—୦—

ପୂର୍ବତନ କୁଳପତି
ଫକୀରମୋହନ ବିଶ୍ୱବିଦ୍ୟାଳୟ
ଫୋନ - ୯୪୩୭୧୪୪୩୭୫







# ଜିଜ୍ଞାସା, କଳ୍ପନା ଓ କରୁଣା

**ଶ୍ରୀଯୁକ୍ତ ଡଃ ଗୌରହରି ଦାସ**

ଓଡ଼ିଆରେ କୁହାଯାଇଥାଏ, ‘ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁ ଦୂର ।’ ଏହାର ଅର୍ଥ ହେଉଛି ତର୍କ କଲେ କୌଣସି କଥାର ନାନ୍ଦନିକ ସୌନ୍ଦର୍ଯ୍ୟ ଅନୁଭବ କରିହୁଏ ନାହିଁ, ବିଶ୍ୱାସ କରିବାକୁ ପଡ଼େ । ବିଶ୍ୱାସର ସାମର୍ଥ୍ୟ ଅସୀମିତ, ଅଦ୍ଭୁତ । ଅନେକ କଥା ଅଛି ଯାହା ତର୍କାତୀତ - ଯେପରି ‘ଧର୍ମ’ । ତାହା ବିଶ୍ୱାସର ପ୍ରସଙ୍ଗ । ମୁଁ ଏଠି କିନ୍ତୁ ବିଶ୍ୱାସର ଗୁରୁତ୍ୱ ବିପକ୍ଷରେ ନୁହେଁ, ବରଂ ତର୍କ ସପକ୍ଷରେ ମୋ ମତ ରଖିବାକୁ ଯାଉଛି । ମୋ ବିଚାରରେ ତର୍କରେ ହିଁ ସତ୍ୟ ମିଳେ, ବିଶ୍ୱାସ କରି ଗୋଟିଏ ଜାଗାରେ ଅଟକି ରହିଗଲେ ସତ୍ୟ ପାଖରେ ମିଳିବା ହୁଏତ ଅସମ୍ଭବ ହୋଇପାରେ । ଉଦାହରଣ ସ୍ୱରୂପ ଆମ ପୁରାଣରେ ପ୍ରହ୍ଲାଦ-ହିରଣ୍ୟକଶିପୁ ଉପାଖ୍ୟାନ ଆମେ ଜାଣନ୍ତି । ଏ କଥାଟିର କାହାଣୀ ଭାଗକୁ ମୁଁ ଯାଉନାହିଁ । ମାତ୍ର ଗୋଟେ ପ୍ରଶ୍ନ ପଚାରିବାକୁ ଚାହୁଁଛି - କାହା ଯୋଗୁଁ ‘ସକଳ ଘଟେ ନାରାୟଣ’ କଥାଟି ପ୍ରତିଷ୍ଠିତ ହୋଇଅଛି ? ଭକ୍ତ ପ୍ରହ୍ଲାଦଙ୍କର ସଂକୀର୍ତ୍ତନ ଯୋଗୁଁ ନା ରାଜା ହିରଣ୍ୟକଶିପୁଙ୍କ ସନ୍ଦେହ ଯୋଗୁଁ ? ହିରଣ୍ୟକଶିପୁ ଅବିଶ୍ୱାସ କଲେ, ତାପରେ ‘ଏହି ଖମ୍ବରେ ତୋର ନାରାୟଣ ଅଛନ୍ତି କି’ ବୋଲି ପ୍ରଶ୍ନ କଲେ ଏବଂ ତାଙ୍କର ସନ୍ଦେହ ହିଁ ନରସିଂହ ଅବତାର ମାଧମରେ ଏହି ସତ୍ୟ ପ୍ରତିଷ୍ଠିତ କଲା ଯେ ସକଳ ଘଟରେ ନାରାୟଣ ବିରାଜମାନ କରୁଛନ୍ତି । ନରସିଂହ ଅବତାରର ପରିକଳ୍ପନା ମଣିଷର ସାମର୍ଥ୍ୟର ସୀମା ଓ ସୀମାବଦ୍ଧତାର ଆଉ ଏକ ଉପାଖ୍ୟାନ । ଆଧୁନିକ ସମୟର ଏକ ଉଦାହରଣ ଦିଏ । ହଳାହଳ ବିଷ ପଟାସିୟମ୍ ସାଇନାଇଡ୍‌ର ସ୍ୱାଦ କିଭଳି - ଖଟା ନା ମିଠା - ଯିଏ ଏକଥା ପ୍ରଥମେ ଜାଣିବାକୁ ଚାହିଁଥିବେ, ସିଏ ନିଶ୍ଚୟ ନିଜର ଜୀବନ ବାଜି ଲଗେଇଥିବେ । ହିରଣ୍ୟକଶିପୁ ହୁଅନ୍ତୁ ବା ପଟାସିୟମ୍ ସାଇନାଇଡ୍‌ର ସ୍ୱାଦର ଆବିଷ୍କର୍ତ୍ତା ହୁଅନ୍ତୁ ବା ଏଭେରେଷ୍ଟର ଉଚ୍ଚତା ମାପିବାକୁ ଯାଇଥିବା ପ୍ରଥମ ବ୍ୟକ୍ତି ହୁଅନ୍ତୁ ଏମାନଙ୍କୁ ଚରମ ମୂଲ୍ୟ ଦେବାକୁ ପଡ଼ିଥିବ । ସେମାନଙ୍କର ସେହି ମୂଲ୍ୟ ବିନିମୟରେ ପୃଥିବୀରେ

ଗୋଟିଏ ସତ୍ୟ ବା ତ ୍ୱ ପ୍ରତିଷ୍ଠିତ ହୋଇଅଛି । ଏଗୁଡ଼ିକ କେତୋଟି ଚରମ ପଦକ୍ଷେପର ଉଦାହରଣ ମୁଁ ଦେଲି, ଯେଉଁଠି ଜୀବନ-ମୃତ୍ୟୁର ପ୍ରଶ୍ନ ଜଡ଼ିତ । ମାତ୍ର ସାଧାରଣ ସାଧାରଣ କ୍ଷେତ୍ରରେ ମଧ ଅନେକେ ପ୍ରଶ୍ନ ପଚାରିବା ଆବଶ୍ୟକ ମନେ କରୁନାହାନ୍ତି । ସ୍ଥିତାବସ୍ଥାକୁ ପ୍ରଶ୍ନ ନ କରିବାର ଭୀରୁପଣ ଆମ ଭିତରୁ ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ମାରିଦେଉଛି । ଜିଜ୍ଞାସାର ମୃତ୍ୟୁ ସମ୍ଭାବନାର ମୃତ୍ୟୁ - ବିଜ୍ଞାନର, ସୃଜନର ଓ ପ୍ରଗତିର ପ୍ରତିବନ୍ଧକ, ଯାହା ଆଦୌ ବାଞ୍ଛନୀୟ ନୁହେଁ ।

ବାଇବେଲରେ ଥମାସ ନାମକ ଏକ ଚରିତ୍ରର କଥା କୁହାଯାଇଛି ଯାହାକୁ ସନ୍ଦେହୀ ଥମାସ ବା 'ଡାଉଟିଂ ଥମାସ' ବୋଲି କୁହାଯାଇଛି । ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେଲାପରେ ପୁଣି ଫେରିଥିଲେ । ତାଙ୍କର ଏ ପୁନରାବିର୍ଭାବକୁ ଅନ୍ୟ ଭକ୍ତମାନେ ସ୍ୱାଭାବିକ ଭାବେ ଗ୍ରହଣ କରିନେଇଥିଲେ ମଧ ଥମାସ ବିଶ୍ୱାସ କରି ନ ଥିଲା । ସେ ଯୁକ୍ତି କରିଥିଲା ଯେ - ମୁଁ ଯଦି ଯୀଶୁଖ୍ରୀଷ୍ଟଙ୍କ ଦେହରେ କ  ାର ଦାଗ ନ ଦେଖିବି ବା ନିଜ ହାତରେ ଛୁଇଁ ସେ କ୍ଷତ ଅନୁଭବ ନ କରିବି ତାହାହେଲେ ସିଏ ଯୀଶୁ ବୋଲି ମୁଁ ବିଶ୍ୱାସ କରିବି ନାହିଁ । ଯୀଶୁ ତା ସମ୍ମୁଖରେ ଆବିର୍ଭୂତ ହେଲେ ଏବଂ ତାକୁ କହିଲେ- ତୁମେ ଯେମିତି ଚାହୁଁଛ, ସେମିତି ସ୍ପର୍ଶ କରି ଅନୁଭବ କର । ଥମାସ ରକ୍ତମାଂସର ଯୀଶୁଙ୍କୁ ନିଜ ଆଖିରେ ଦେଖିଲା ଏବଂ ହାତରେ ଛୁଇଁଲା ପରେ ଆନନ୍ଦରେ ଚିତ୍କାର କରି ଉଠିଲା, 'ମୋ ପ୍ରଭୁ, ମୋ ପ୍ରଭୁ ।'

ଶିକ୍ଷା, ଗବେଷଣା ଓ ସାହିତ୍ୟର ବଡ଼ କାମ ହେଲା ପ୍ରଶ୍ନ ପଚାରିବା - ପରଂପରାକୁ ପ୍ରଶ୍ନ କରିବା, ବିଧିବିଧାନକୁ ପ୍ରଶ୍ନ କରିବା ଏବଂ ବ୍ୟବସ୍ଥାକୁ ପ୍ରଶ୍ନ କରିବା । ମାତ୍ର ଆମେ ପ୍ରଶ୍ନ ପଚାରିବାକୁ ଚାହୁଁନା । ଏହାଫଳରେ ବିଶ୍ୱାସ କ୍ରମେ ଅନ୍ଧବିଶ୍ୱାସରେ ପରିଣତ ହୋଇଯାଏ । ଆମ ଭାରତୀୟ ସମାଜର ଅନେକ କଥା ଏହି ଅନ୍ଧବିଶ୍ୱାସରୁ ସୃଷ୍ଟି । ଉଦାହରଣ ସ୍ୱରୂପ ବାରମ୍ବାର କନ୍ୟା ଜନ୍ମ ପାଇଁ ମାଆଟିକୁ ଦାୟୀ କରିବା, ଡାଆଣୀ ଓ ପିଶାଚ ପରି ଆତ୍ମା ଅଛନ୍ତି ଏବଂ ଡେଉଁରିଆ-ତାବିଜ ଦ୍ୱାରା ସେମାନଙ୍କୁ ଦୂରେଇ ରଖିହେବ ବୋଲି ଭାବିବା ଗୋଟିଏ ଗୋଟିଏ ଅନ୍ଧବିଶ୍ୱାସ । ଆମ ପରଂପରାରେ ଥିବା ବହୁ ପୂଜାପର୍ବର ବିଧିବିଧାନକୁ ଆମେ ପ୍ରଶ୍ନ କରୁନା । ନ କରିବା ଗୋଟେ ଦୃଷ୍ଟିରୁ ଭଲ । କିନ୍ତୁ ମୋତେ ଥରେ ଜଣେ ଛାତ୍ରୀ ପ୍ରଶ୍ନ କଲେ, "ସାବିତ୍ରୀ ବ୍ରତ କିଏ କରିବା ଆବଶ୍ୟକ ?





ପୁରୁଷ ନା ନାରୀ ? ଏଇ ଉପାଖ୍ୟାନରେ ହିତାଧିକାରୀ କିଏ ହୋଇଥିଲେ ?' ତାଙ୍କର ଯୁକ୍ତି ହେଲା, 'ଯମ ବା ମୃତ୍ୟୁ କବଳରୁ କିଏ ବ ିକି ଆସିଥିଲେ - ସତ୍ୟବାନ, ଯିଏ କି 'ବିଜୟୀ ଭବ' ନ କହି 'ଧର୍ମର ହେଉ ଜୟ' କହିଥିବା ଆମେ କବିତାରେ ପଢ଼ିଛୁ । ଗାନ୍ଧାରୀ ବାସ୍ତବରେ ଜଣେ ଆଦର୍ଶ ଜନନୀ କି ? ତାଙ୍କର ସ୍ୱାମୀ ରାଜା ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ ଥିଲେ । ଅନ୍ଧ ସ୍ୱାମୀଙ୍କର ଶହେ ପୁଅ ହେଲେ । ବାପା ଅନ୍ଧ ଥିବା ପରିବାରରେ ମାଆଙ୍କର ଦାୟିତ୍ୱ ବେଶି ନା କମ୍ ? ସେ ପତିବ୍ରତା ହେବାକୁ ଯାଇ ଆଖିରେ ଅନ୍ଧପୁଟୁଳି ବାନ୍ଧିଲେ, ପିଲାମାନେ ବାପାମାଆଙ୍କ ଦୃଷ୍ଟି ଆଢୁଆଳରେ ରହି ନଷ୍ଟ ହୋଇଗଲେ । ସେପଟେ ବାପଛେଉଣ୍ଡ ପାଣ୍ଡବମାନଙ୍କୁ ବିଧବା ମାଆ କୁନ୍ତୀ ଭଲ ମଣିଷ କରି ଯୁଦ୍ଧରେ ବିଜୟୀ କରାଇଲେ, ଯେଉଁମାନଙ୍କ ପାଖରେ ଗୋଟେ ସମୟରେ କିଛି ସମ୍ବଳ ନ ଥିଲା । ଏପଟେ ରାଜଗାଦି, ବିପୁଳ ଐଶ୍ୱର୍ଯ୍ୟ ସ ୍ୱ ଜନନୀଙ୍କର ଦାୟିତ୍ୱଶୂନ୍ୟତା ପାଇଁ ଅନେଶତ ଭାଇ ଶବ ହୋଇଗଲେ । ଶହେ ସନ୍ତାନ ହରାଇଥିବା ଗାନ୍ଧାରୀ ମାଆ ହିସାବରେ ସଫଳ ନା ବିଜୟୀ ପା  ପୁଅର ମାଆ କୁନ୍ତୀ ସଫଳ ?

ଏସବୁ କଥା ଉଲ୍ଲେଖ କରିବାର କାରଣ ହେଲା ଯାହା ପରଂପରାକ୍ରମେ ଗଢ଼ିଆସିଛି, ଯାହାକୁ ଆମେ ବିଶ୍ୱାସ କରି ଆସିଛୁ ତାହାକୁ ଅନ୍ଧ ଭାବରେ ଗ୍ରହଣ କରିନେବା ଯେମିତି ଅନୁଚିତ, ପ୍ରଶ୍ନ ପଚାରିବା ପାଇଁ ଆଗ୍ରହ ନ ଦେଖାଇବା ମଧ ସେମିତି ଅନୁଚିତ । ପ୍ରଶ୍ନ ପଚାରିବାର ଅଭ୍ୟାସକୁ ପିଲାଦିନରୁ ଉତ୍ସାହିତ କରାଯିବା ଆବଶ୍ୟକ - ତାହା ଉଦ୍ଭଟ ହେଉ ପଛକେ । ଆଧୁନିକ ସମୟର ବ୍ୟସ୍ତତା ଭିତରେ ପିତାମାତା ଓ ଅଭିଭାବକ ସମସ୍ତେ ବ୍ୟସ୍ତ । ଆଜି ଶିଶୁ ବା କିଶୋରର କୌତୂହଳୀ ପ୍ରଶ୍ନର ଉ  ର ଦେବାଲାଗି ସେମାନଙ୍କ ପାଖରେ ସମୟ ଅଥବା ଧୈର୍ଯ୍ୟ ନାହିଁ । ଖୁବ୍ ବେଶିରେ ଥରେ, ଦି ଥର ପ୍ରଶ୍ନର ଉ  ର ଦେଲା ପରେ ସେମାନେ ବିରକ୍ତ ହୋଇ ପିଲାକୁ ଟେଲିଭିଜନ୍ ଅଥବା ସ୍ମାର୍ଟଫୋନ୍ ଜିମାରେ ଛାଡ଼ିଦେଉଛନ୍ତି । ଆମ ଓଡ଼ିଆ ଭାଷାରେ 'ଅବୋଲକରା ଗପ' ନାମରେ ବହିଟିଏ ଅଛି । ଏଥିରେ ଅବୋଲକରା ହେଉଛି ଜଣେ ଜିଜ୍ଞାସୁ ଶିଷ୍ୟ ଏବଂ ତାର ଗୁରୁ ବା ପଣ୍ଡିତ ହେଉଛନ୍ତି ଅଭିଜ୍ଞ ଶିକ୍ଷକ । ସେମାନେ ପଦବ୍ରଜରେ ବିଭିନ୍ନ ଅ  ଳ ଯାତ୍ରା କରନ୍ତି । ମଝିରେ ମଝିରେ କିଛି ଗୋଟେ ନୂଆ କଥା ଅବୋଲକରା ଆଖିରେ ପଡ଼େ । ସେଇଠୁ ତା ମନରେ, ସେ କଥାର ରହସ୍ୟ ଜାଣିବା ଲାଗି ଆଗ୍ରହ ସୃଷ୍ଟି ହୁଏ । ସିଏ ଆସି ଗୁରୁଙ୍କୁ ପଚାରେ, 'ଅମୁକ ଜାଗାରେ ଅମୁକ କାହିଁକି ଅଛି ବା ଘଟୁଛି ମୋତେ କୁହ, ନ

ହେଲେ ତମର ଏ ଗଣ୍ଠିଲି ଏଠି ରହିଲା, ମୁଁ ଚାଲିଲି ।' ଗୁରୁ ଜଣକ ବୁଢ଼ାଲୋକ, ଶିଷ୍ୟର ବିନା ସହାୟତାରେ ଚଳିବେ କିପରି ? ସେ ତେଣୁ କହନ୍ତି, 'ପକା କମ୍ବଳ ପୋତ୍ ଛତା, କହିବି ଅବୋଲକରା ଅମୁକ କଥା ।' ଚୁଲିରେ ଚାଉଳ ସିଝେ, ଅଭିଜ୍ଞ ପଣ୍ଡିତ ଗପ କହନ୍ତି, ଜିଜ୍ଞାସୁ ଅବୋଲକରାର କୌତୂହଳ ମେ ିଯାଏ । ଏହି ଗପଟି ପ୍ରଶ୍ନ ପଚାରିବାର ଅଭ୍ୟାସକୁ ଉତ୍ସାହ ଦେଇଥାଏ । ମାତ୍ର ମୁଁ ମୋ ନିଜ ଅଭିଜ୍ଞତାରୁ ଜାଣିଛି, ଅଧିକାଂଶ ପରିବାର ଏପରିକି ସ୍କୁଲ୍-କଲେଜରେ ମଧ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରାଯାଏ ନାହିଁ । ପ୍ରଶ୍ନକ ର୍ାଙ୍କୁ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ମିଳିବା ଉଚିତ । ଉ ରରୁ ନୁହେଁ, ପ୍ରଶ୍ନ ପଚାରିବାରୁ ହିଁ ଜଣେ ବ୍ୟକ୍ତିଙ୍କର ଜ୍ଞାନ-ଗରିମା ଏବଂ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ଅନ୍ୟପକ୍ଷରେ ଉ ରଦାତା ଧୈର୍ଯ୍ୟଶୀଳ ଏବଂ ଉ ମ ସ୍ୱଭାବର ବ୍ୟକ୍ତି ହେବା ଆଶା କରାଯାଏ । ଶିକ୍ଷକ ଯଦି ଛାତ୍ରଟିଏକୁ 'ଏ ବୋକା, ବସିପଡ଼', 'ତୁ ଗୋଟେ ନିର୍ବୋଧ', 'ଏଇ କଥା ଜାଣିନୁ ଯଦି ଆଉ କଣ ଜାଣିଛୁ' ପରି କଥା କହିବେ ସେ ପିଲା ସବୁଦିନ ପାଇଁ ଭୀରୁ ହୋଇଯିବ ।

ପ୍ରଶ୍ନ କେବଳ ପ୍ରଶ୍ନକ ର୍ାଙ୍କ କୌତୂହଳର ନିରସନ କରେ ନାହିଁ ଉ ରଦାତାଙ୍କ ବୋଧଶକ୍ତିକୁ ମଧ ଶାଣିତ କରେ । ପ୍ରତ୍ୟେକ ମଣିଷ ଶିଶୁ ଅବସ୍ଥାରୁ କୌତୂହଳୀ ଏବଂ ସମ୍ବେଦନଶୀଳ ହୋଇ ଜନ୍ମ ନେଇଥାଏ । ମାତ୍ର ସମୟକ୍ରମେ ତାର ବ୍ୟକ୍ତିତ୍ୱରେ ପରିବ ର୍ନ ଆସେ ।

ଦିନେ ସ୍କୁଲ୍‌ର ଶିକ୍ଷୟିତ୍ରୀ ଜଣେ ଛାତ୍ରର ବାପାଙ୍କ ପାଖକୁ ନୋଟ୍‌ଟିଏ ପଠେଇଲେ- ଆପଣଙ୍କ ପୁଅ ସବୁଦିନ ସ୍କୁଲ୍‌କୁ ଅଧଘ  । ବିଳମ୍ବରେ ଆସି ପହ ୍ଛି । ପ୍ରତିକାର କରନ୍ତୁ । ଏ ନୋଟ୍‌ଟି ପାଇ ବାପା ବ୍ୟସ୍ତ ହେଲେ । ଭାବିଲେ, ସେମାନେ ତ ସବୁଦିନ ପୁଅକୁ ଠିକ୍ ସମୟରେ ଘରୁ ପଠଉଛନ୍ତି । ସ୍କୁଲ୍‌ଟି ପୁଣି ତାଙ୍କ ଘରଠାରୁ ବେଶୀ ଦୂର ନୁହେଁ । ଦଶ ପନ୍ଦର ମିନିଟ୍‌ର ରାସ୍ତା ତାକୁ ଚାଳିଶ ମିନିଟ୍ ଲାଗୁଛି କିଭଳି ?

ସେଦିନ ପୁଅ ସ୍କୁଲ୍‌କୁ ବାହାରିଗଲା ପରେ ବାପା ମଧ ପଛେ ପଛେ ବାହାରିଲେ ଲୁଚି ଲୁଚି । ପୁଅ ଘରୁ ଗଲା । ମୋଡ଼ ବୁଲାଣି ବରଗଛ ପାଖରେ ଗୁଣ୍ଡୁଚିମୂଷା ଖେଳୁଥିଲା । ସେଇଠି ଅଟକିଲା ଦଶ ମିନିଟ୍ । ତା'ପରେ ଡେରି ହେଇଯିବ ଭାବି ଧାଇଁଲା । ମଝିରେ ଗୋଟେ ସରୁ ନାଳ । ପିମ୍ପୁଡ଼ିଟିଏ ଏପଟେ । ଗୋଟେ ପତ୍ର ଗୋଟେଇ ଆଣି ତା' ଉପରେ





ପିମ୍ପୁଡ଼ିକୁ ଥୋଇଲା । ପିମ୍ପୁଡ଼ି ନାଳ ପାର ହେବା ପରେ ସେ ଗଲା । ପୁଣି ସ୍କୁଲ୍ ପାଚେରି ପାଖରେ ପ୍ରଜାପତି ଉଡୁଥାଏ । ସେଇଠି କିଛି ସମୟ ଦେଲା । ସ୍କୁଲ୍‌ରେ ଯାଇ ପହ ିଲା ବେଳକୁ ଅଧଘ  । ଏ ଡେରି । ପୁଅ ଗଲା କ୍ଲାସ୍‌କୁ, ବାପା ଗଲେ ପ୍ରଧାନଶିକ୍ଷକଙ୍କ ଦପ୍ତରକୁ । ଏସବୁ ତାଙ୍କୁ ଜଣାଇ କହିଲେ, ଆଜି ସେ ଘରକୁ ଫେରୁ । ଭଲକରି ଦି' ଚାପୁଡ଼ା ଦେଲେ ସେ କାଲିଠାରୁ ନିୟମିତ ହେଇଯିବ ।

ପ୍ରଧାନ ଶିକ୍ଷକ ସ୍ମିତ ହସି ହସି କହିଲେ, "ନା, ବରଂ କାଲିଠାରୁ ତାକୁ ଆଉ ଅଧଘ  । ଆଗରୁ ଘରୁ ପଠେଇବେ । କାରଣ ସେ ଯୋଉ ସମୟ ଗୁଣ୍ଡୁଚି, ପିମ୍ପୁଡ଼ି ଓ ପ୍ରଜାପତିଙ୍କୁ ଆଜି ଦେଲା; କାଲି କଅଁଳା ବାଛୁରୀ, ପାରା କି ଜହ୍ନାକୁ ଦେଇପାରେ । ସେମାନଙ୍କ ସମସ୍ୟାକୁ ସେ ଅଣଦେଖା କରିପାରିବ ନାହିଁ । କାରଣ ସେ ସମ୍ବେଦନଶୀଳ ଓ କୌତୂହଳୀ ।"

ସେଇ ପିଲାଟିର ବାପା କ'ଣ କଲେ ତାହା ଆଲୋଚନା ନ କରିବା ଭଲ । ମାତ୍ର ଭାରତର ଅଧିକାଂଶ ବାପା ଏ କ୍ଷେତ୍ରରେ କ'ଣ କରନ୍ତି ତାହା ଆମେ ନିଜ ନିଜର ଅଭିଜ୍ଞତାରୁ ଅନୁମାନ କରିପାରିବା । ଅଧିକାଂଶ ପିତାମାତାଙ୍କ ଦୃଷ୍ଟିରେ ପିଲାଟିର ଏ ପ୍ରକାର କୌତୂହଳ ସମୟର ତୁଚ୍ଛା ଅପଚୟ ।

ଗତ କିଛି ବର୍ଷ ମଧରେ ଆମ ଜୀବନରୁ ଅନେକ ଜିନିଷ ହଜିଗଲେଣି ଅଥବା ଦୂରେଇ ଗଲେଣି । ତାହା ଗ୍ରାମଫୋନ୍, ଟେପ୍‌ରେକର୍ଡର, ସିଡି ପ୍ଲେୟାର ହେଉ କିମ୍ବା ଫାଉ େ ନ୍ ପେନ୍, ଟାଇପ୍ ରାଇଟର, ସାଇକ୍ଲୋଷ୍ଟାଇଲ୍ ମେସିନ୍ କିମ୍ବା କାର୍ବନ ପେପର ହେଉ । ତେବେ ଏସବୁ ବ୍ୟତିରେକ ଆଉ ଯେଉଁ ଦୁଇଟି କଥା ଆମ ଭିତରୁ ମରିଯାଉଛି କିମ୍ବା ହଜିଯାଉଛି ତାହା ହେଉଛି କୌତୂହଳ ଏବଂ କଳ୍ପନା । କୌତୂହଳ ଏବଂ କଳ୍ପନା ବ୍ୟତିରେକେ ସୃଜନଶୀଳତା କଥା ଚିନ୍ତା କରାଯାଇପାରିବ ନାହିଁ । କୌତୂହଳ ହିଁ ଶିକ୍ଷାପ୍ରଦୀପର ସଳିତା ବୋଲି ବ୍ରିଟିଶ ଲେଖକ ଉଇଲିୟମ୍ ଓ୍ୱାର୍ଡ କହିଛନ୍ତି । ହେନରି ବ୍ରୁକ୍ କହନ୍ତି, "ଆମେ ଯଦି ପିଲାଙ୍କ ଲାଗି କିଛି କରିପାରିବା ତାହା ହେଉଛି ସେମାନଙ୍କ କୌତୂହଳ, ଜିଜ୍ଞାସା ଓ ସୃଜନଶୀଳତାକୁ ଉତ୍ସାହ ଦେବା । ସେସବୁର ଗଳା ଚିପିଦେବା ନୁହେଁ । ମାତ୍ର ସୃଜନଶୀଳତା କିଛି ଭାକ୍‌ସିନ୍ କିମ୍ବା ଟନିକ୍ ନୁହେଁ, ଯାହାକୁ ଆମେ ପିଲା ଦେହରେ ଦେଇପାରିବା । ତାହାହେଲେ କିଭଳି ଭାବରେ ଆମେ ସେମାନଙ୍କୁ ଏକଥା

ଶିକ୍ଷା ଦେଇପାରିବା ? ଆମେ ସେମାନଙ୍କ ପାଇଁ ସେଭଳି ଏକ ପରିବେଶ ନିର୍ମାଣ କରିପାରିବା ଯାହା ସେମାନଙ୍କୁ କୌତୂହଳୀ କରିବ । ତାହାହେଲେ ସେମାନେ ଅଧିକରୁ ଅଧିକ କୌତୂହଳୀ ହେବେ ଏବଂ ପ୍ରଶ୍ନ ପଚାରିବେ । ବାସ୍ତବରେ ଶିକ୍ଷାର ଗୋଟେ ପ୍ରମୁଖ ଭୂମିକା ହେଉଛି ଛାତ୍ର ଭିତରେ କୌତୂହଳ ଓ ଜିଜ୍ଞାସାର ଆଗ୍ରହ ବଢ଼ାଇବା, ଯାହା ତାକୁ ସୃଜନଶୀଳତା ଆଡ଼କୁ ବାଟ କଢ଼େଇ ନେବ । ଆମର ମନେ ରଖିବା ଆବଶ୍ୟକ ପ୍ରତିଟି ମଣିଷ ଅନ୍ୟଠାରୁ ଭିନ୍ନ, ଅନନ୍ୟ । ସେହି ଦୃଷ୍ଟିରେ ଆମେ ତାଙ୍କୁ ଦେଖିବା କଥା ; ମାତ୍ର ଆମେ ଅନନ୍ୟତା, ଭିନ୍ନତା ଓ ବିଭିନ୍ନତାକୁ ଅନେକ ପଛରେ ଛାଡ଼ି ଆସିଛୁ । ଆଜି ଆମେ ସବୁବେଳେ 'ଷ୍ଟାଣ୍ଡାର୍ଡାଇଜେସନ୍' ପିଛାରେ ପଡ଼ିଯାଉଛୁ । 'ଷ୍ଟାଣ୍ଡାର୍ଡାଇଜେସନ୍'ର ଅର୍ଥ କ'ଣ ? ଏହାର ଅର୍ଥ ହେଉଛି ସବୁ ଏକା ପ୍ରକାର ଦିଶିବା । ଆଧୁନିକ ମଣିଷର ଜୀବନଚର୍ଯ୍ୟା ଆଜି ଏକାପ୍ରକାର । ଆମେ ରହୁଥିବା ଘର, ଆମର ସକାଳ ଜଳଖିଆ, ଆମର ପୋଷାକପତ୍ର ସବୁ ଆଜି ଏକାପ୍ରକାର । ଏଠି ଭିନ୍ନତା, ବିଭିନ୍ନତାର ପ୍ରବେଶ ନିଷିଦ୍ଧ । ହାତଲେଖା ଚିଠି ହଜିଗଲା । ତା' ସହ ଅନେକ ସଂପର୍କ ହଜିଗଲା । ହାତଲେଖା ଚିଠିରେ, ଶବ୍ଦର ଫାଙ୍କ ଭିତରୁ ଦିଶୁଥିବା ସଂପର୍କର ଚେହେରାସବୁ ଆଜି ଇ-ମେଲ୍‌ର ଅକ୍ଷର ଭିତରେ ନିରୁଦ୍ଦିଷ୍ଟ । ଆଜି ସବୁ ଚିଠିର ଭାଷା ପ୍ରାୟ ଏକା ।

କୌତୂହଳର ମୂଲ୍ୟ କେତେ ବେଶୀ ତାହା ଆମେ ସମସ୍ତେ ଜାଣନ୍ତି । କୌତୂହଳ ନ ଥିଲେ, ଆଇଜାକ୍ ନିଉଟନ୍ ଆପଲ୍ ଗଛରୁ ଖସି କାହିଁକି ତଳେ ପଡ଼ିଲା ସେ ବିଷୟରେ ଚିନ୍ତା କରି ନ ଥା'ନ୍ତେ । ପୃଥିବୀ ଇତିହାସରେ ଆମେ ଆଜି ଯେଉଁମାନଙ୍କ କଥା ପଢୁଛୁ, ଚର୍ଚ୍ଚା କରୁଛୁ, ସେମାନେ ସମସ୍ତେ କୌତୂହଳ ଓ କଳ୍ପନାର ଜଣେ ଜଣେ ସାର୍ଥକ ସାରଥୀ । ସେ ଥମାସ୍ ଏଡିସନ୍ ହୁଅନ୍ତୁ କିମ୍ବା ୱାଲ୍‌ଟ ଡିସ୍‌ନି, ଆଇନ୍‌ଷ୍ଟାଇନ୍ କିମ୍ବା ରାଇଟ୍ ବ୍ରଦର୍ସ କିମ୍ବା ଷ୍ଟିଭ୍ ଜବ୍‌ସ । ମାତ୍ର ଆଜିର ଡିଜିଟାଲ୍ ଯୁଗ ସଂକ୍ଷେପରେ ୱାର୍ଲଡ ୱାଇଡ୍ ୱେବ୍ ଆମକୁ ଆଉ କଳ୍ପନା କରିବାକୁ ବାଟ ଛାଡୁନାହିଁ । ଡିଜିଟାଲ୍ ଯୁଗର କୋଳାହଳ ଅତୀତର ବିଜନତା ଏବଂ କଳ୍ପନାର ଗଣସମାଧି ଉପରେ ନିଜର ସୌଧ ନିର୍ମାଣ କରିଛି । ଅନ୍ୟ କଥା ଦୂରେ ଥାଉ, ଆମମାନଙ୍କ ପ୍ରତିକ୍ରିୟା ମଧ ଏକା ପ୍ରକାରର ଶବ୍ଦ ଏବଂ ସଙ୍କେତ ଦ୍ୱାରା ନିୟନ୍ତ୍ରିତ । ସ୍ମାର୍ଟଫୋନ୍‌ର 'ଇମୋଜି' ଆମ ଉଲ୍ଲାସ, ବିଷାଦ, ବିସ୍ମୟର ସାଇନ୍‌ବୋର୍ଡ ।





ମଣିଷର କଳ୍ପନା ହଠାତ୍ ଏପରି ଦରିଦ୍ର, ରୁଗ୍‌ଣ ହୋଇପଡ଼ିଲା କାହିଁକି ? କାହିଁକି ଆଜି ଆମେ ଅଲଗା ପ୍ରକାର ଲେଖିବାକୁ, କହିବାକୁ ଅଥବା ଭାବିବାକୁ ଚେଷ୍ଟା କରୁନାହୁଁ ? ୟୁରୋପରେ ଅଷ୍ଟାଦଶ ଶତାବ୍ଦୀର ମଧଭାଗ ପରେ ଅନେକ ସାମାଜିକ ପରିବ ର୍ନ ହେବା ଇତିହାସରେ ଉଲ୍ଲେଖ ଅଛି । ଆମ ଦେଶର ଲୋକେ ଗତ ଶତାବ୍ଦୀର ଅପରାର୍ଦ୍ଧରେ ଗାଁ ଛାଡ଼ି ସହରକୁ ଆସିଲେ । ଗାଁରେ ପ୍ରତ୍ୟେକଙ୍କ ଘରର ଚେହେରା ଅଲଗା । ସହର କଲୋନିର ସବୁ ଘର ଏକା ପରି ହେଲା । ଲୋକଙ୍କ ଜୀବିକା ନାନା ପ୍ରକାର କୌଳିକ ବୃ ି ଓ କୃଷିକୁ ବ୍ୟବସାୟ ଏବଂ ଚାକିରୀକୁ ଖସିଆସିଲା । ତା'ପରେ ଆସିଲା ଯନ୍ତ୍ରର ଯୁଗ । ମଣିଷର କଳା, କୌଶଳ କ୍ରମେ ଗୌଣ ହୋଇପଡ଼ିଲା । ବ୍ୟକ୍ତିଗତ କଳ୍ପନାର ଆଉ ପ୍ରୟୋଜନ ପଡ଼ିଲା ନାହିଁ । ବିଶ୍ୱଯୁଦ୍ଧ ପରେ ଈଶ୍ୱର ମରିଗଲେ । ମରିଗଲା ସ୍ୱର୍ଗ ନର୍କର କଳ୍ପନା । ଭୂତପ୍ରେତ ବିଦାୟ ନେଇଗଲେ ଆମ କାହାଣୀରୁ । ପାପ ପୁଣ୍ୟର ବିଚାର ହେତୁବାଦର ନିକିତିରେ ତଉଲାଗଲା । ନୈତିକତା ଆଚାରର ବିଷୟ ନ ହୋଇ ବିଚାରର ବିଷୟ ହେଲା । ମଣିଷର ରଙ୍ଗିନ ସ୍ୱପ୍ନ ବାସ୍ତବତାର ଚଟାଣରେ ଖସି ଚୂନା ଚୂନା ହୋଇଗଲା । ଆମେ ଆଇନ୍‌ଷ୍ଟାଇନ୍‌ଙ୍କ "କଳ୍ପନା ଜ୍ଞାନଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ" ବାକ୍ୟକୁ ପ୍ରବନ୍ଧରେ/ସନ୍ଦର୍ଭରେ ଉଲ୍ଲେଖ କଲୁ, ମାତ୍ର ନିଜ ନିଜର ଜୀବନରୁ ବିଦାୟ ଦେଇଦେଲୁ ।

ଆଜି ଆପଣ ଏଇ ସହରର ଯେକୌଣସି ରାସ୍ତାକଡ଼ରେ ଛିଡ଼ାହୋଇ ଯା'ଆସ କରୁଥିବା ଯୁବକ ଯୁବତୀଙ୍କୁ ଲକ୍ଷ୍ୟ କରନ୍ତୁ । କେହି ସ୍ମାର୍ଟଫୋନ୍‌ରେ କଥା ହେଉଥିବ, ଆଉ କେହି ଫେସ୍‌ବୁକ୍ ଦେଖୁଥିବ, ଅନ୍ୟ କେହି ହ୍ୱାଟ୍‌ସଆପ୍‌ରେ ମେସେଜ୍ ପଠଉଥିବ । ସ୍ମାର୍ଟଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ପରି ଯନ୍ତ୍ର ଆଜି ଆମକୁ ଏତେ କବଳିତ କରିଛି ଯେ ଆମେ ତା'ର ଧୃତରାଷ୍ଟ୍ରୀ ଆଲିଙ୍ଗନରୁ ମୁକ୍ତ ହୋଇପାରୁନାହୁଁ । ଏହା ଆମର କି ଧରଣର କ୍ଷତି କରୁଛି ତାହା ବୁଝାଇ କହିବା ନିଷ୍ପ୍ରୟୋଜନ । ୨୦୧୭ ଡିସେମ୍ବରରେ ଶ୍ରୀ ମନୋଜ ଦାସଙ୍କର ଗୋଟିଏ ପ୍ରବନ୍ଧ 'ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ବାହାରିଥିଲା । 'ସିଡ୍‌ନି ମର୍ଣ୍ଣିଂ ହେରାଲ୍‌ଡ' ସମ୍ବାଦପତ୍ରର ଏକ ସର୍ଭେର ଫଳାଫଳ ଉଦ୍ଧାର କରି ସେ ଲେଖିଥିଲେ ଯେ ସ୍ମାର୍ଟଫୋନ୍‌ରେ ଅଭ୍ୟସ୍ତ ପିଲାମାନେ ଭବିଷ୍ୟତରେ 'ଇ ରନେଟ୍ ୟୁଜ୍ ଡିଜ୍‌ଅର୍ଡର' ଭୋଗିବାର ଆଶଙ୍କା ରହିଛି । ଥରେ ଏମାନେ ଗ୍ୟାଜେଟ୍‌ଗୁଡ଼ିକ ସହ ଅଭ୍ୟସ୍ତ ହୋଇଗଲା ପରେ ଯେତେବେଳେ ସେସବୁ ତାଙ୍କଠାରୁ ନେଇ ନିଆଯାଉଛି

ସେତେବେଳେ ସେମାନେ ଉନ୍ମାଦ ପ୍ରାୟ ବ୍ୟବହାର କରୁଛନ୍ତି । ସେହି ଏକା ପ୍ରବନ୍ଧରେ ସେ ଭାରତର ପିଲାମାନେ କମ୍ ବୟସରୁ ବୟସ୍କ ପାଲଟିଯାଉଥିବା କଥା ଉଲ୍ଲେଖ କରିଥିଲେ । ସେମାନେ କ୍ରୂର, ହିଂସ୍ର ଏବଂ ଅପରାଧୀ ପାଲଟି ଯାଉଛନ୍ତି, ଯାହା ଉଦ୍‌ବେଗର ବିଷୟ । ଅସମୟରେ ତା' ଭିତରୁ ନିରୀହତା ମରିଯାଉଛି ।

ସାମାଜିକ ଗଣମାଧମ ଆଜି ମଣିଷକୁ ଏମିତି ବଶୀଭୂତ କରିଛି ଯେ ସେଥିରୁ ମୁକୁଳି ଆକାଶ, ଜହ୍ନ, ତାରା, ଗଛଲତା କିମ୍ବା ରାସ୍ତାକଡ଼ ପଳାଶ ଫୁଲକୁ ଚାହିଁବା ପାଇଁ ତା' ମନରେ ଆଗ୍ରହ ନାହିଁ । ସବୁ ମଣିଷ ଜଣେ ଜଣେ ନାର୍ସିସସ୍ । ଗ୍ରୀକ୍ ରୂପକଥାର ସେଇ ରାଜା ଯିଏ ସବୁବେଳେ ନିଜର ଚେହେରା ଦେଖି ମୁଗ୍ଧ ରହୁଥିଲେ । ସାମାଜିକ ଗଣମାଧମ ଆମ ଭିତରର ନାର୍ସିସସକୁ ବାହାରକୁ ନେଇ ଆସିଛି । ପ୍ରତି ମଣିଷର ଗୋଟେ ସାମାଜିକ, ଗୋଟେ ବ୍ୟକ୍ତିଗତ ଏବଂ ଗୋଟେ ଗୋପନ ଜୀବନ ଥାଏ । ସାମାଜିକ ଗଣମାଧମ ଏସବୁ ଭିତରେ ଥିବା ବ୍ୟବଧାନକୁ ଲିଭେଇ ଦେଇଛି । ଆଜି ପ୍ରତିଦିନ ହଜାର ହଜାର ଲୋକ ରାତି ପାହିବା କ୍ଷଣି ନିଜର ଅଥବା ନିଜ ପରିବାରର ଗୁରୁତ୍ୱହୀନ ଘଟଣାର ବିବରଣୀ/ଚିତ୍ର ଦେଉଛନ୍ତି ଏବଂ ଦେବା ପର ମୁହୂ ର୍କ କେତେ 'ଲାଇକ୍' କି 'କମେ ୍' ଆସିଲା ଜାଣିବା ଲାଗି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି । ସେମାନଙ୍କ ଅଜାଣତରେ ସେମାନେ ସ୍ମାର୍ଟଫୋନ୍‌ଟିର କ୍ରୀତଦାସ ପାଲଟି ଯାଉଛନ୍ତି ।

ମୁଁ ଆଉ ଥରେ ପିଲା ବୟସ ପ୍ରସଙ୍ଗକୁ ଫେରିଆସୁଛି । ଗୋଟିଏ ଦୃଷ୍ଟିରୁ ଆଜିର ପିଲାଏ ଭାଗ୍ୟବାନ୍, ଆଉ ଗୋଟିଏ ଦୃଷ୍ଟିରୁ ଭାଗ୍ୟହୀନ । ସେମାନେ ପିତାମାତାଙ୍କ ଅପୂର୍ଣ୍ଣ ଇଚ୍ଛାର ଭାରବାହୀ ପ୍ରାଣୀ । ଦାମୀ ଖେଳଣା କି ଦାମୀ ପୋଷାକ ପିଲାଦିନକୁ ଅର୍ଥମୟ କି ରଙ୍ଗିନ କରେ ନାହିଁ । ଆମ ପିଲାଦିନେ ଏତେ ଖେଳଣା ନ ଥିଲା । ଶଢ଼େଇ, ଦିଆଶିଲି ଖୋଳ, କାଚଗୋଟି ଏସବୁରେ କାମ ଚଳିଯାଉଥିଲା । ମାତ୍ର ଏହାର ଅର୍ଥ ଆମ ପିଲାଦିନ କମ୍ ଉପଭୋଗ୍ୟ ନ ଥିଲା । ସବୁଠୁ ବେଶୀ ଉପଲବ୍ଧ ଥିଲା ନିରୁପଦ୍ରବ ସ୍ୱାଧୀନତା । ଆଜି ପ୍ରତି ପିଲା ପଛରେ ଚାରି ଚାରିଟି ଆଖି ବାଇନୋକୁଲାର ପରି ତା'ର ପ୍ରତିଟି ଗତିବିଧିକୁ ଚବିଶ ଘ  । ନିରୀକ୍ଷଣ କରୁଛି । ବାପା ମାଆ ଓ ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ରୁଟିନ୍ ଭିତରେ ତା'ର ଜୀବନ ଛନ୍ଦା । ଆପଣ କୁହନ୍ତୁ, ଗୋଟେ ସାନ ପିଲାକୁ ବର୍ଷାରେ ଭିଜି କାଗଜଡଙ୍ଗା ଭସଉଥିବା କେବେ ଦେଖିଥିଲେ ? ଖରାଦିନିଆ ଦିପହରେ





ଡାଳମାଙ୍କୁଡ଼ି ଖେଳିବା କେବେ ଦେଖିଥିଲେ ? ଯଦି କୋଉଠି କିଛି ସେଭଳି ଦେଖିଥିବେ ତାହା ସୋସିଆଲ୍ ମିଡିଆ ପାଇଁ, ନିଜ ଇଚ୍ଛାର ପୂର୍ଣ୍ଣତା ଲାଗି ନୁହେଁ । ଆଜି ସାନପିଲା ପାଖରେ ଅବସର ନାହିଁ । ଅଥଚ ସେକ୍ସପିୟର କହିଥିଲେ "ଅବସରରୁ ସ୍ୱପ୍ନର ଜନ୍ମ, କଳ୍ପନାର ଆରମ୍ଭ ।" ଜ୍ଞାନଲାଭ ଲାଗି ପାଗଳପଣ ଆମ ଭିତରର କଳ୍ପନାର ଦୀପଶିଖାକୁ ଲିଭେଇ ପକେଇଛି । କିଶୋର ସୁଲଭ କୌଣସି ମୌଳିକ ଚିନ୍ତାକୁ ଉତ୍ସାହିତ କରିପାରୁନାହିଁ । ଆମର ସିଲାବସ୍‌ଗୁଡ଼ିକ ଏ ଦିଗରେ ଅକ୍ଷମ । ଆମର ପାଠପଢ଼ାର ଏକମାତ୍ର ଉଦ୍ଦେଶ୍ୟ ହୋଇପଡ଼ିଛି ଅନ୍ନସଂସ୍ଥାନ, ଜୀବିକା ନିର୍ବାହ, ଆତ୍ମରକ୍ଷା ଏବଂ କ୍ୟାରିୟର ଶିଡ଼ିରେ ଉପରକୁ ଆରୋହଣ । ଏ ପ୍ରକ୍ରିୟାରେ ସୃଜନଶୀଳତାର ପ୍ରଶ୍ନ ନାହିଁ ।

ମୁଁ ଗୋଟେ ଉଦାହରଣ ଦେବି । ପୃଥିବୀର ଫ୍ୟାସନ୍ ଡିଜାଇନ୍ ଜଗତରେ ଓଡ଼ିଶାର ବିଭୁ ମହାପାତ୍ର ଗୋଟେ ପରିଚିତ ନାଆଁ । ୧୯୭୨ରେ ଜନ୍ମ ଶ୍ରୀ ମହାପାତ୍ରଙ୍କୁ ପଚାଶ ବର୍ଷ ହୋଇନାହିଁ । ମାତ୍ର ଏହା ଭିତରେ ସେ ଆମେରିକା କାଉନ୍‌ସିଲ ଫେସନ୍ ଡିଜାଇନ୍‌ର ସଭ୍ୟ ନିର୍ବାଚିତ ହେବାଠାରୁ ନେଇ ୟଙ୍ଗ୍ ଇନୋଭେଟର ଆୱାର୍ଡ ପରି ବହୁ ପୁରସ୍କାର ପାଇସାରିଛନ୍ତି । ତାଙ୍କ ତିଆରି ପୋଷାକ ଆମେରିକାର ପୂର୍ବତନ ଫାଷ୍ଟ୍ ଲେଡି ମିସେଲ୍ ଓବାମାଙ୍କ ପାଖରୁ ନେଇ ବଲିଉଡ୍‌ର ସୋନମ୍ କପୁର ପିନ୍ଧୁଛନ୍ତି । ସେ ନ୍ୟୁୟର୍କର ଏକ ପରିଚିତ ବ୍ରାଣ୍ଡ୍ ।

ରାଉରକେଲାରେ ପିଲାଦିନ ବିତେଇଥିବା ବିଭୁ ମହାପାତ୍ର ମାଆଙ୍କଠାରୁ ସିଲେଇ ଶିଖିଥିଲେ ଓ ତାଙ୍କ ପୁରୁଣା ଶାଢ଼ୀ କାଟି ନୂଆ ଡିଜାଇନ୍‌ର ପୋଷାକ ତିଆରି କରୁଥିଲେ, ଯାହା ଘରେ ତାଙ୍କ ଭଉଣୀ ପିନ୍ଧୁଥିଲେ । ସେ କହିଛନ୍ତି, ମାଆ ହିଁ ତାଙ୍କର ସର୍ଜନଶୀଳତାକୁ ପ୍ରୋତ୍ସାହନ ଦେଇଥିଲେ । ସେ ଆମେରିକା ଯାଇଥିଲେ ଅର୍ଥନୀତି ପଢ଼ିବାକୁ; କିନ୍ତୁ ପାଲଟିଗଲେ ବିଖ୍ୟାତ ଡିଜାଇନର ।

ଆଧୁନିକ ଜୀବନ ପ୍ରାଚୁର୍ଯ୍ୟ ଦେଇଛି, ଆରାମଦାୟକ ଜୀବନ ଦେଇଛି ; ମାତ୍ର ଏସବୁ ବାସ୍ତବରେ ଆମକୁ ପ୍ରକୃତିଠାରୁ ଦୂରକୁ ନେଇଯାଇଛି । ଆମର ସାହିତ୍ୟ କଥା ନିଅନ୍ତୁ । କବିତା କଥା ନିଅନ୍ତୁ । ସଂଗୀତ କଥା ନିଅନ୍ତୁ । ସାହିତ୍ୟରେ ପ୍ରକୃତି ଆଜି ଥାଇ ନ ଥିଲା ପରି । ଗାଁ ମଧ ଧୀରେ ଧୀରେ ହଜିଯାଉଛି । ଗୋଟିଏ ମାତ୍ର ଉଦାହରଣ ଦେବି । ବହୁବର୍ଷ ତଳେ ବିନୋଦ ଚନ୍ଦ୍ର ନାୟକ ଲେଖିଥିଲେ ଏ ପଦକ ତାଙ୍କ 'ଗ୍ରାମପଥ' କବିତାରେ ।

"ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି
ନଣନ୍ଦ ତା'ର ଅଧିକ ଚତୁରୀ
ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛାଇକି ଦେଖି ।"
ଆମର ଗୀତିକବିମାନେ କି ଚମତ୍କାର ଧାଡ଼ିମାନ ଲେଖିଥିଲେ-

'ସ୍ମୃତି ତୁମେ ତୁଠ ପଥରରେ ଫିକା ଅଳତାର ଦାଗ/ ସ୍ମୃତି ତୁମେ ବିଧବା ଲଲାଟେ ଦାରୁଣ ଅସ୍ତରାଗ' କିମ୍ବା 'ତୁମ ଗାଁ ମହୁମାଛି, ଆମ ଫୁଲେ ମହୁ ପିଇ ମୋତେ ମାଗେ କୁଆଁରୀ ବଉଳ' ପରି ଗୀତର ଧାଡ଼ିଗୁଡ଼ିକ ଆମେ ଆଉ ଭେଟୁଛନ୍ତି କି ? କାରଣ ଆମେ ସମ୍ବେଦନାଶୂନ୍ୟ ହେଉଛୁ, ଯାନ୍ତ୍ରିକ ହୋଇଛୁ, ଆମର ମସ୍ତିଷ୍କଗୁଡ଼ିକ ଖୁବ୍ ଉର୍ବର ହୋଇଛନ୍ତି; ମାତ୍ର ହୃଦୟ ସମାନୁଭୂତି ଓ ସହାନୁଭୂତି ଶୂନ୍ୟ ହୋଇଯାଉଛି । ଆମର ଜୀବନର ବେଗ ବଢ଼ିଛି; କିନ୍ତୁ ଆବେଗର ସାନ୍ଦ୍ରତା କମିଛି । ଜଣେ ସମ୍ବେଦନଶୂନ୍ୟ ଲୋକ ସୃଜନଶୀଳ ହେବା ଅସମ୍ଭବ ।

କ୍ରୌ  ପକ୍ଷୀର ବିଳାପ ବାଲ୍ମୀକିଙ୍କୁ 'ମା ନିଷାଦ' ଶ୍ଳୋକ ଲେଖିବାକୁ ପ୍ରେରଣା ଦେଇଥିଲା । ଚାରିପାଖର ମଣିଷମାନଙ୍କ ଦୁଃଖ କଷ୍ଟ ପ୍ରରୋଚିତ କରିଥିଲା ଭୀମ ଭୋଇଙ୍କୁ ଲେଖିବା ପାଇଁ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' । ଏହାର ଭୂରି ଭୂରି ଦୃଷ୍ଟାନ୍ତ ରହିଛି । ମଣିଷର ସମ୍ବେଦନାଶୂନ୍ୟତା ପୃଥିବୀର ସବୁଠାରୁ ବଡ଼ ସଙ୍କଟ । କ୍ରିଷ୍ଣମୂ  ଏହାର କାରଣଗୁଡ଼ିକ ସଂପର୍କରେ କହିଛନ୍ତି "ଆଧୁନିକ ମଣିଷ ସବୁବେଳେ 'ମୁଁ' ବା 'ଆଇ'କୁ ନେଇ ବିବ୍ରତ । 'ଉଇ' ବା 'ଆମ'କୁ ନେଇ ନୁହେଁ । ଉପନିଷଦ୍‌ର ବାଣୀ ଥିଲା ଭିନ୍ନ । ସେଠାରେ ପୃଥିବୀ, ବନସ୍ପତି, ଅନ୍ତରୀକ୍ଷ, ଆକାଶ, ପର୍ବତ ସହ ସଭିଙ୍କର କଲ୍ୟାଣ କଥା କୁହାଯାଇଅଛି । ଯେତେବେଳେ କବି ଅରଣ୍ୟରେ ରହି କବିତା ଲେଖିବ, ସଂଗୀତଶିଳ୍ପୀ ଲୋକଲୋଚନର ଅନ୍ତରାଳରେ ସଂଗୀତ ବୋଲି ପାରିବ, ସେତେବେଳେ ସେ ସୃଜନଶୀଳତାର ଉଚ୍ଚତମ ସ୍ତରରେ ପହଁ ପାରିବ । ଯଦି ସେ ପଚାରିବ ଦର୍ଶକ ଗ୍ୟାଲେରିରେ କେତେ ଲୋକ ଥିବେ, ମୋତେ କେତେ ଉପଢ୍ୌକନ ମିଳିବ ତାହାହେଲେ ସେ ନୈସର୍ଗିକ ଆବେଦନ ତା' ପାଖକୁ ଆସିବ ନାହିଁ । ସୃଜନଶୀଳ ପ୍ରତିଭା ନିଜକୁ କହେ- ମୁଁ ପ୍ରତିଥର ନିଜକୁ ପୁନଃଆବିଷ୍କାର କରିବି,





ନୂଆ ଭାବେ ଦେଖିବି; ମାତ୍ର ବରାଦୀ ଶିଳ୍ପୀ ତାହା କରେ ନାହିଁ । ସେ କେବଳ ପୁନରାବୃ  କରେ । ସର୍ଜନ ଓ ଅନୁକରଣ ମଧରେ ଅନେକ ପାର୍ଥକ୍ୟ ।"

ମୁଁ ଟିକେ ଆଗରୁ ପ୍ରାଚୁର୍ଯ୍ୟ କଥା କହୁଥିଲି । ଆଧୁନିକ ଜୀବନ ଆମକୁ ଅନେକ ପ୍ରାଚୁର୍ଯ୍ୟ ଦେଇଛି; ମାତ୍ର ଅନେକ କିଛି ଆମଠାରୁ ନେଇଯାଇଛି । ଆମେ ତ ଆଜି ସବୁ ସଂପର୍କକୁ ଉପଭୋକ୍ତାବାଦର ନିକିତିରେ ତଉଲୁଛୁ । ପ୍ରତ୍ୟେକ ମଣିଷ ଯେମିତି ଗୋଟେ ଗୋଟେ ସଂଖ୍ୟା, ସେମିତି ସବୁ ନାଗରିକ ଜଣେ ଜଣେ ଉପଭୋକ୍ତା । ଅଭାବ, ନିଃସଙ୍ଗତା, ବିଚ୍ଛେଦ ଏବଂ ଯନ୍ତ୍ରଣା ସୃଜନଶୀଳ ମଣିଷର ଖୁବ୍ ପ୍ରିୟ । ମନେପକାନ୍ତୁ ଅସ୍କାର ଓ୍ୱାଇଲ୍‌ଡଙ୍କର 'ଦ ନାଇଟିଙ୍ଗେଲ୍ ଆଣ୍ଡ୍ ରୋଜ୍' ଗଳ୍ପର କଥା । ଶୀତରାତିର ବରଫ ଭିତରୁ ଧଳା ଗୋଲାପ ଫୁଟାଇ ସେଇ ଫୁଲକୁ ଲାଲ ରଙ୍ଗରେ ପରିଣତ କରିବାଲାଗି ନିଜର ବକ୍ଷସ୍ଥଳକୁ କ  କବିଦ୍ଧ କରିଥିଲା ନାଇଟିଙ୍ଗେଲ୍ ପକ୍ଷୀ, ଗୋଟେ ପ୍ରେମିକ କିଶୋର ପାଇଁ । ଯନ୍ତ୍ରଣା ଯେତିକି ଅସହ୍ୟ ହେଉଥିଲା, ଗୋଲାପର ରଙ୍ଗ ସେତିକି ଅଧିକ ଲାଲ୍ ହେଉଥିଲା । କେବଳ ଅସ୍କାର ଓ୍ୱାଇଲ୍‌ଡ ନୁହେଁ, ପୃଥିବୀର ବହୁ ବିଖ୍ୟାତ କବି-ଲେଖକଙ୍କ ସୃଷ୍ଟିରେ ତ ଆମେ ଏହିସବୁକୁ ଭେଟୁ - ମଣିଷର ଦୁଃଖ, ନାରୀର ଦୁର୍ଭାଗ୍ୟ, ଦରିଦ୍ରର ଲାଞ୍ଛନା, ଦେଶତ୍ୟାଗୀର ଅପମାନ (ଖଲିଦ୍ ହୋସେନ୍‌ଙ୍କର 'ଥାଉଜାଣ୍ଡ୍ ସ୍ପ୍ଲେଣ୍ଡିଡ୍ ସନ୍‌ସ') ଏବଂ ଉଦ୍‌ବାସ୍ତୁର ମର୍ମାନ୍ତିକ ବେଦନା । ଏସବୁ ସୃଜନଶୀଳ ମଣିଷର ପ୍ରେରଣା । ସେ ଏହି ସମସ୍ୟାର କାରଣ ଜାଣିବାକୁ କୌତୂହଳୀ ହୋଇ ଉଠେ, ଏହି ଚରିତ୍ରମାନଙ୍କ ପ୍ରତି ସମାନୁଭୂତିଶୀଳ ହୁଏ ଏବଂ ତାହାର ସେହି ଅନୁଭବକୁ କାଗଜ, କ୍ୟାନ୍‌ଭାସ୍ ବା ଅନ୍ୟ ମାଧମରେ ଉତ୍କୀର୍ଣ୍ଣ କରାଏ ।

ଆମେ କାହିଁକି ସୃଜନଶୀଳତା ହରେଇ ବସୁଛୁ - ତାହା ଗୋଟେ ବଡ଼ ପ୍ରଶ୍ନ । ଆମେ ଖୁବ୍ ବେଶୀ ଯାନ୍ତ୍ରିକ ହୋଇଯାଇଛୁ । ଶସ୍ତାରେ ଜିନିଷ ପାଇବା ଆଗ୍ରହ ଆମର ଅନେକ ଲୋକକଳା, ଶିଳ୍ପକୁ ହତ୍ୟା କରିଛି । ମେସିନ୍ ସାଙ୍ଗରେ ପ୍ରତିଯୋଗିତାରେ ମଣିଷ ହାରିଯାଇଛି, (ଡଙ୍ଗରିଆ କନ୍ଧଙ୍କ ଚାଦର) ଆମ ଜୀବନରେ କୌଣସି ନୂଆ ଅନୁଭବ ରହୁନାହିଁ, ଆମର ଶିକ୍ଷା ଓ ତାଲିମ ଆମକୁ କୃତ୍ରିମ କରିଦେଉଛି । ଆଧୁନିକ ଜୀବନର ମହତ୍ୱାକାଂକ୍ଷା, କାମନା ଗୌତମ ବୁଦ୍ଧ ଦେଖିଥିବା କାମନାଠାରୁ ମଧ ଉଚ୍ଚତର ହୋଇଯାଇଛି । ଏହାର ଚୂଡ଼ା ଛୁଇଁବା ଲାଗି ଉର୍ଦ୍ଧ୍ୱଶ୍ୱାସ ହୋଇ ଧାଇଁବା ବେଳେ ସେ ତା'

ଚାରିପାଖର ପୃଥିବୀ ଓ ବଦଳୁଥିବା ସମୟକୁ ଦେଖିପାରୁନାହିଁ । ସର୍ଜନଶୀଳତା ଲୋଡ଼େ ନିର୍ଜନତା, ନିରୀହପଣ ଏବଂ ନିଷ୍ଠା ଓ ନିରବିଚ୍ଛିନ୍ନ ସାଧନା ଏବଂ ଏସବୁ ସାଙ୍ଗକୁ କରୁଣା । ଏହି କରୁଣା କଣ ? କରୁଣାର ଭିନ୍ନ ଭିନ୍ନ ସ୍ତର ଅଛି - ସହାନୁଭୂତି, ସମାନୁଭୂତି ।ସହାନୁଭୂତିର ଗୋଟିଏ ଉଦାହରଣ ଦିଏ । ସହର ମୁଣ୍ଡରେ ଥିବା ମନ୍ଦିରକୁ ଚକ୍ଷୁହୀନ କିଶୋରଟିଏ ବରାବର ଯାଇ ସେଇଠି ବସେ । ସହରର କିଛି ଉଦ୍‌ଭ୍ରାନ୍ତ ଯୁବକଙ୍କୁ ଏ କିଶୋରର ଉପସ୍ଥିତି ଭଲ ଲାଗେ ନାହିଁ । ଦିନେ ସେମାନଙ୍କ ଭିତରୁ ଜଣେ କହିଲା, 'ତୁ ତ ଅନ୍ଧ । ତୁ କଣ ଠାକୁରଙ୍କୁ ଦେଖିପାରୁଛୁ ଯେ ଏଠିକି ସବୁଦିନ ଚାଲିଆସୁଛୁ !'

କିଶୋରଟିକୁ ଏ କଥା ପଦକ ଖୁବ୍ ବାଧିଲା । ସେ କାନ୍ଦି କାନ୍ଦି ଘରକୁ ଫେରିବା ବାଟରେ ଜଣେ ସନ୍ନ୍ୟାସୀ ତାକୁ ଦେଖି ପଚାରିଲେ- 'କାହିଁକି କାନ୍ଦୁଛ ?' କିଶୋରଟି ସବୁକଥା କହିଲା । ସନ୍ନ୍ୟାସୀ ତା କଥା ଶୁଣି ଉ  ର ଦେଲେ, 'ତୁମେ କାଲି ମଧ ମନ୍ଦିରକୁ ଯିବ । ଯଦି ସେମାନେ ଏପରି କହନ୍ତି, ତୁମେ କହିବ, ମୁଁ ସିନା ଅନ୍ଧ ବୋଲି ଠାକୁରଙ୍କୁ ଦେଖିପାରୁନାହିଁ, ମାତ୍ର ଠାକୁରଙ୍କର ତ ଆଖି ଅଛି ! ସେ ମୋତେ ଦେଖିପାରୁଛନ୍ତି ।' ସନ୍ନ୍ୟାସୀଙ୍କର ସେ କିଶୋର ପ୍ରତି ସହାନୁଭୂତିର ଏହା ଉଦାହରଣ ।

ଜଣେ ଆଖି ଥିବା ଲୋକର ଆଖି ନ ଥିବା ଲୋକପ୍ରତି କରୁଣା ଭାବ ଯଦି ସହାନୁଭୂତି ହୁଏ ଜଣେ ଚକ୍ଷୁହୀନ ଲୋକଙ୍କର ଆଉ ଜଣେ ଚକ୍ଷୁହୀନ ଲୋକଙ୍କ ପ୍ରତି ମନୋଭାବ ହେଉଛି ସମାନୁଭୂତି । ଅର୍ଥାତ୍ ଆର ଲୋକଟି ପରି ଏହାଙ୍କ ଭିତରେ ସମାନ ଅନୁଭୂତି ସୃଷ୍ଟି ହେବା ।

କିଛି ବର୍ଷ ତଳର କଥା, ଯେତେବେଳେ ମୋବାଇଲ୍ ଫୋନ୍‌ର ବ୍ୟବହାର ଆସି ନ ଥିଲା, ବିଭିନ୍ନ ଜାଗାରେ ପବ୍ଲିକ୍ କଲ୍ ଅଫିସ୍ ବା ଏସ୍‌ଟିଡି ବୁଥ୍ ପରି ଜାଗା ଥିଲା ଯେଉଁଠାରୁ ଲୋକେ ଫୋନ୍ କରିପାରୁଥିଲେ ।

ବାଙ୍ଗାଲୋର ସହର ପାଖ ଅ  ଳର ଘଟଣା । ଗୋଟେ କଲୋନିରୁ ଜଣେ ଲୋକ ବିଜୁଳି ବିଭାଗ ଜେ.ଇ.ଙ୍କ ଅଫିସ୍‌କୁ ଘନ ଘନ ଫୋନ୍ କରି କହିଲେ ଯେ, ଏଠି ଛକ ଉପର ଲାଇଟ୍ ଖରାପ । ସଜାଡ଼ି ଦିଅନ୍ତୁ । ଚାରିଦିନ ଭିତରେ ପ୍ରାୟ ଚାଳିଶ ଥର ଫୋନ୍





ଆସିବାରୁ ଜେ.ଇ. ଲାଇନମ୍ୟାନ୍‌ଙ୍କୁ ପଠାଇଲେ । ଲାଇନମ୍ୟାନ୍ ଲାଇଟ୍ ସଜାଡ଼ିସାରି ପାଖ ପିସିଓରୁ ସେଇକଥା ତାଙ୍କ ଅଫିସ୍‌କୁ ଜଣାଇଦେବାକୁ ଚାହିଲେ । ଫୋନ୍‌ରେ ତାଙ୍କର କଥା ପିସିଓରେ ବସିଥିବା କିଶୋରଟି ଶୁଣୁଥାଏ । ଇଏ ଫୋନ୍ ରଖିବା ପରେ ସେ କହିଲା, 'ଆପଣଙ୍କୁ ଅଶେଷ ଧନ୍ୟବାଦ, ଯାହାହେଉ ଲାଇଟ୍‌ଟି ସଜାଡ଼ିଦେଲେ ।' ଏକଥା ଶୁଣି ସେ ଲାଇନମ୍ୟାନ୍ କହିଲେ, 'ଆରେ ମୋତେ ଧନ୍ୟବାଦ ଦିଅନା, ସେ ପାଗଳକୁ ଦିଅ, ଯିଏ ଚାରିଦିନ ଭିତରେ ଆମ ଜେ.ଇ.ଙ୍କୁ ଚାଳିଶ ଥର ଫୋନ୍ କରିସାରିଥିବ ।' କିଶୋରଟି ମୁଣ୍ଡ ତଳକୁ କରି କହିଲା, 'ସେ ପାଗଳଟି ହେଉଛି ମୁଁ ।'

ଲାଇନମ୍ୟାନ୍ ଅପ୍ରସ୍ତୁତ ହୋଇଗଲେ । 'ହେଉ ତୁମ ପଇସା ନିଅ' କହି ଗୋଟେ ଦି ଟଙ୍କିଆ କଏନ୍ ଟେବୁଲ୍ ଉପରେ ଥୋଇ ଚାଲିଯିବାକୁ ବାହାରୁଥିଲେ । ସେତିକିବେଳେ ସେ ଗୋଟେ ଅସ୍ୱାଭାବିକ କଥା ଲକ୍ଷ୍ୟ କଲେ । ପିଲାଟି ଟେବୁଲ୍ ଉପରୁ କଏନ୍‌ଟିକୁ ଠାବ କରିବା ଲାଗି ଅଣ୍ଡାଳି ହେଉଥିଲା । ଲାଇନମ୍ୟାନ୍ ଜାଣିଗଲେ ଯେ, ପିସିଓରେ ବସିଥିବା ପିଲାଟି ଅନ୍ଧ ।

ସେ ଆଶ୍ଚର୍ଯ୍ୟ ହେଲେ ଓ ପଚାରିଲେ, 'ବାବୁ ତୁମେ ତ ନିଜେ ଚକ୍ଷୁହୀନ, ଦେଖିପାରୁନାହଁ । ଏ ଛକରେ ଲାଇଟ୍ ଲାଗିଲେ କି ନ ଲାଗିଲେ ତୁମର କଣ ଯାଏ ଆସେ ?'

ପିଲାଟି କହିଲା, 'ମୁଁ ଅନ୍ଧ ବୋଲି ତ ଅନ୍ଧାରରେ ଲୋକେ କି ପ୍ରକାର ହଇରାଣ ହୁଅନ୍ତି ତାହା ବୁଝିପାରେ ।'

କରୁଣା, କଳ୍ପନା ଓ ଜିଜ୍ଞାସାର ଜୀବନ୍ୟାସ ପାଇଁ ଉଦ୍ୟମ ପରିବାରରୁ ଆରମ୍ଭ ହେବା ଆବଶ୍ୟକ । ନୋବେଲ ବିଜୟିନୀ ବୋରିସ ଲେସିଙ୍ଗ ଗୋଟେ କଥା କହିଥିଲେ । ସେ କହିଥିଲେ, ଶିଶୁର ମନ ଅନ୍ଧକାର କୋଠରି ପରି । ସେଠି କ'ଣ ଅଛି ତାହା କେହି ଜାଣନ୍ତି ନାହିଁ । ପିଲାଟି ଭିତରେ କେଉଁ କଥା ଲାଗି ଆଗ୍ରହ ଅଛି ସେକଥା ବୁଝିବା ପାଇଁ ହେଲେ, ତା'ର କାରବାରକୁ ଛପି ଛପି ଲକ୍ଷ୍ୟ କରିବା କଥା । ସେ କେଉଁ ଜିନିଷ ପାଖକୁ ବାରମ୍ବାର ଯାଉଛି । ଖେଳ ଜିନିଷ, ଚିତ୍ର ଆଙ୍କିବା ଜିନିଷ ନା ମ୍ୟୁଜିକାଲ୍ ଯନ୍ତ୍ରପାତି । ଏସବୁ ତା' ପାଖରେ ରଖିଦେଇ ଲକ୍ଷ୍ୟ କର । ଯେଉଁଥିରେ ସେ ଅଧିକ ଆଗ୍ରହ ପ୍ରକାଶ କରୁଛି

ସେହି ପ୍ରକାର ନୂଆ ନୂଆ ଜିନିଷ ଆଣି ଦିଅ । ଯଦି ସେ ଚିତ୍ର କରୁଛି, ତାକୁ ନୂଆ ରଙ୍ଗ, ନୂଆ ଡ୍ରଇଂ ଖାତା, କ୍ୟାନ୍‌ଭାସ୍ ଇତ୍ୟାଦି ଏବଂ ଯଦି ସେ ଖେଳ ଜିନିଷ ଚାହୁଁଛି ତାହାହେଲେ ତାକୁ ତା' ଖେଳ ଜିନିଷ ଦିଅ । ତାହାହେଲେ ପିଲାର ଆଗ୍ରହ ଆହୁରି ବଢ଼ିବ । ମାଆମାନେ ପିଲାଙ୍କୁ ସ୍ମାର୍ଟଫୋନ୍ କି ଟିଭି ସାମ୍ନାରେ ଦୀର୍ଘ ସମୟ ଛାଡ଼ିଦିଅନ୍ତୁ ନାହିଁ । ରାତିରେ ଶୋଇବାବେଳେ ଚିତ୍ର ବହି ଦେଖାନ୍ତୁ ନ ହେଲେ ତାକୁ ଗପ କୁହନ୍ତୁ । କାହାଣୀର ଶବ୍ଦରାଜି ପିଲା ମନକୁ କଳ୍ପନାର ଅଲଗା ପୃଥିବୀକୁ ନେଇଯାଏ, ଯାହା ଚିତ୍ରର ପୃଥିବୀ ପାରି ନ ଥାନ୍ତା । ଚିତ୍ର ତାକୁ ଗୋଟାଏ ଅବସ୍ଥା ଦେଖାଇବ, ଶବ୍ଦ ଶୁଣି ସେ ତା' ନିଜର କଳ୍ପନାରେ ଦଶଟା ଅବସ୍ଥାର ନିର୍ମାଣ କରିବ । ମୁଁ ଏ ପ୍ରସଙ୍ଗରେ ଗୋଟେ ଉଦାହରଣ ଦେବି । 'ମହାଭାରତ' ପଢ଼ିଲାବେଳେ ପ୍ରତ୍ୟେକ ପାଠକ କଳ୍ପନାରେ ଦ୍ରୌପଦୀଙ୍କର ଚିତ୍ର ଆଙ୍କେ; ମାତ୍ର ଟେଲିଭିଜନ୍ 'ମହାଭାରତ' ଦେଖିବା ପରେ ତା କଳ୍ପନା ରୁପା ଗାଙ୍ଗୁଲିଙ୍କ ପାଖରେ ଅଟକିଯାଏ । ତେଣୁ ପିଲାମାନଙ୍କୁ କାହାଣୀ କୁହାଯିବା ଆବଶ୍ୟକ । ଶ୍ରୀ ମନୋଜ ଦାସ ଉଦାହରଣ ଦେଇ ଉଲ୍ଲେଖ କରିଛନ୍ତି ଯେ ବହିର ପ୍ରେମରେ ପଡ଼ିଥିବା ପାଠକ ଭାବେ ଯେ ପଠନର ବିକଳ୍ପ ନାହିଁ । ଫିଲ୍ମଟିଏ ସବୁକଥା ବୁଝେଇ କହିଦିଏ; ମାତ୍ର ପଠନ ନୂଆ ଅନ୍ୱୟ ତିଆରି କରେ । ନୂଆ ପ୍ରଶ୍ନ ସୃଷ୍ଟି କରେ ମନରେ । ଏହାପରେ ଆସିଲେ ଶିକ୍ଷକ । ବିଦ୍ୟାଳୟରେ ସୃଜନଶୀଳତାକୁ ସର୍ବାଧିକ ଗୁରୁତ୍ୱ ଦେବା ଦରକାର । ଆମେ ବିଭିନ୍ନ ଲେଖକଙ୍କ ଆତ୍ମଜୀବନୀରୁ ଜାଣିଛୁ କିଭଳି ଜଣେ ଜଣେ ଶିକ୍ଷକ ସେମାନଙ୍କ ଦୃଷ୍ଟିଭଙ୍ଗୀ ବଦଳେଇ ଦେଉଥିଲେ । 'ଅମାବାସ୍ୟାର ଚନ୍ଦ୍ର'ର ଲେଖକ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କର ଆତ୍ମଜୀବନୀ 'ସାନ ଗୋଟିଏ ଜଣେ ପୁରୁଷ । ସିଏ ଲାଭବାନ ହେଲେ । ପୁରୁଷ ଲାଭବାନ ହେଲା । ତାହାହେଲେ ସେ ବ୍ରତଟି ପୁରୁଷର ପାଳିବା କଥା ନୁହେଁ କି ! ନାରୀ କାହିଁକି ପାଳିବ ? ସିଏ କାହିଁକି ଉପାସ ରହିବ ? କେହି କେହି ଯୁକ୍ତି କରିପାରନ୍ତି ପୁରୁଷମାନେ କାମକୁ ଯାଉଥିଲେ, ପରିଶ୍ରମ କରୁଥିଲେ- ସିଏ କିପରି ଉପବାସ ରହିପାରିବେ ? ଭଲ କଥା, ତାହାହେଲେ ପୁଣ୍ୟତକ ନାରୀର ଖାତାକୁ ଚାଲିଯିବ କି ? ଏବେ ପୁଣି ନାରୀମାନେ ଚାକିରି ବାକିରି କଲେଣି । ସେମାନେ କାହିଁକି ବ୍ରତ କରିବେ ? ଏମିତି ଅନେକ ବ୍ରତ ଆମ ଦେଶରେ, ଯାହାର ପାଳନ ଦାୟିତ୍ୱ ନାରୀ ଉପରେ । କାହିଁକି ?" ସିଏ ପୁଣି ଯୋଡ଼ିଥିଲେ ଯେ ସାବିତ୍ରୀ ବ୍ରତରୁ ଯଦି ଗୋଟିଏ କଥା ଶିକ୍ଷା କରିବାର ଅଛି, ତାହା ହେଲା ଝିଅମାନଙ୍କୁ ଅଧିକ





ପାଠ ପଢ଼େଇବା ଦରକାର । କାରଣ ସାବିତ୍ରୀ ଶିକ୍ଷିତା ଓ ବୁଦ୍ଧିମତୀ ହୋଇଥିବାରୁ ଯମଙ୍କ ସହ ତର୍କ କରି ଜିଣିଥିଲେ । ନାରୀଶିକ୍ଷାର ପ୍ରେରଣା ହିଁ ସାବିତ୍ରୀ ବ୍ରତର ମୂଳ ଆଭିମୁଖ୍ୟ ହେବା ଉଚିତ ବୋଲି ଛାତ୍ରୀ ଜଣକ କହିଥିଲେ ।

କେରଳର ଧୀବର ସଂପ୍ରଦାୟର କାହାଣୀକୁ ନେଇ ଏକ ପ୍ରସିଦ୍ଧ ଉପନ୍ୟାସ ଅଛି 'ଚେମିନି' । ଏହାର ଲେଖକ ଶ୍ରୀ ଥାକାଜି ଶିବଶଙ୍କର ପିଲାଇ । ସେ ଉପନ୍ୟାସର କାହାଣୀ ମୁଁ ଏଠି ବର୍ଣ୍ଣନା କରୁନାହିଁ । ମାତ୍ର ସେ ଉପନ୍ୟାସରେ ବର୍ଣ୍ଣିତ ଧୀବର ସଂପ୍ରଦାୟର ବିଶ୍ୱାସ ଯେ ପତ୍ନୀ ଯଦି ସତୀ ହୋଇ ରହିଥିବ ତାହାହେଲେ ସମୁଦ୍ରରେ ଯେତେ ଝଡ଼ତୋଫାନ ଆସିଲେ ବି ଧୀବରର କିଛି କ୍ଷତି ହେବ ନାହିଁ ! ଯଦି ପତ୍ନୀର ସତୀତ୍ୱ ଚାଲିଯିବ ତାହାହେଲେ ତା ସ୍ୱାମୀ ମରିଯିବ ବା ଯଦି ସ୍ୱାମୀଟି ଝଡ଼ତୋଫାନରେ ମରିଗଲା ତାହାହେଲେ ଧରିନେବାକୁ ହେବ ଯେ ତା ସ୍ତ୍ରୀଟି ଖରାପ । ସମୟେ ସମୟେ ପ୍ରବଳ ଝଡ଼ ତୋଫାନରେ ଡଙ୍ଗା ଲେଉଟି କୌଣସି ଧୀବର ମରିଯାଉଥିଲେ ଗାଁରେ ଥିବା ତା ସ୍ତ୍ରୀକୁ ଲୋକମାନେ ଅସତୀ ଅଭିଯୋଗରେ ବାଡ଼େଇ ବାଡ଼େଇ ମାରି ଦେଉଥିଲେ । କେହି ପ୍ରଶ୍ନ କରୁ ନ ଥିଲେ । ଏହା ଆଗରୁ ଭାରତର 'ସତୀପ୍ରଥା' କଥା ଆପଣମାନେ ଜାଣନ୍ତି । ବିନା ଯୁକ୍ତିରେ ବ ିଥିବା ନାରୀକୁ ନିଆଁରେ ନେଇ ପକେଇ ଦିଆଯାଉଥିଲା । ଆମ ସମାଜରେ ସବୁ କଥାର ଦୋଷ, ଦାୟିତ୍ୱ, ପାପ ନାରୀ ମୁଣ୍ଡରେ ଲଦି ଦିଆଯାଇଛି । କେତେକ ତ ନାରୀକୁ ନର୍କର ଦ୍ୱାର ବୋଲି ମଧ କହିଛନ୍ତି । ଆଧୁନିକ ଶିକ୍ଷା ଏସବୁକୁ ପ୍ରଶ୍ନ କରିବା ଉଚିତ ନୁହେଁ କି ?

ଏବେ ଆଉ ଗୋଟେ ସାଧାରଣ କଥାକୁ ଆସୁଛି । ମହାଭାରତର ଗାନ୍ଧାରୀଙ୍କୁ ଅନ୍ୟତମ ଆଦର୍ଶ ଜନନୀ ବୋଲି କୁହାଯାଏ । ପୁତ୍ର ଦୁର୍ଯ୍ୟୋଧନଙ୍କୁ ଆଶୀର୍ବାଦ ଦେବାବେଳେ ସେ ଜୀବନ'ରେ ଲେଖିଛନ୍ତି "ଶ୍ରୀକୃଷ୍ଣ ମହାନ୍ତି ଥିଲେ ତାଙ୍କର ଘରୋଇ ଶିକ୍ଷକ । ସନ୍ଧ୍ୟାବେଳେ ଛାତ ଉପରକୁ ମତେ ଡାକି ନେଇଯାଇ ଆକାଶ ଓ ତାରାମାନଙ୍କୁ ଦେଖାଉଥିଲେ । କହୁଥିଲେ ଫାଷ୍ଟ୍ ଡିଭିଜନ୍ ତ ପାଇବୁ । କିନ୍ତୁ ମଣିଷ ହେବା ପାଇଁ ସେସବୁର କିଛି ମୂଲ୍ୟ ନାହିଁ । ଏ ଆକାଶ, ଏ ତାରାମାନଙ୍କୁ ଚିହ୍ନ, ଅନୁଭବ କର, ତାଙ୍କୁ ବନ୍ଧୁ କର, ତା'ହେଲେ ଭଲ ମଣିଷ ହେବୁ ।" ଶାନ୍ତି ନିକେତନରେ ରବୀନ୍ଦ୍ରନାଥ ପ୍ରକୃତି କୋଳରେ ଶିକ୍ଷାକୁ ଲୋକପ୍ରିୟ କରାଇଥିଲେ । ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ବନ ବିଦ୍ୟାଳୟରେ ମଧ

ସେଇ ଉପାୟ ଅବଲମ୍ବନ କରାଯାଇଥିଲା । କେବଳ ଘୋଷାପାଠରେ ତାକୁ ଭାରାକ୍ରାନ୍ତ କରିଦେଲେ ସେ ଖୁସି ରହିବ ନାହିଁ କି ଅନ୍ୟ କଥା ପାଇଁ ସମୟ ଦେଇପାରିବ ନାହିଁ ।

ଏହାପରେ ଯୁବକର ଜୀବନ । ମଣିଷର ବଡ଼ ସମସ୍ୟା ତା'ର ସୁଖ ଓ ଦୁଃଖ ତା' ଉପରେ ନିର୍ଭରଶୀଳ ନୁହେଁ, ଅନ୍ୟ ଉପରେ । ଅନ୍ୟ ସହ ତୁଳନା କରିବା ଆମର ବଡ଼ ବ୍ୟାଧି । ଖୁସି ନ ରହିବା ଲାଗି ଯେମିତି ଆମେ ସଂକଳ୍ପ ନେଇଛୁ । ସେତେବେଳେ ଆମେ ଆମର ପିଲାଦିନକୁ ମନେ ପକେଇବା ଆବଶ୍ୟକ । ସେଦିନ ଆମେ କେତେ ଛୋଟ ଛୋଟ କଥାରେ ଖୁସି ହୋଇପାରୁଥିଲୁ । ଆଜି କାହିଁକି ହୋଇପାରୁନାହୁଁ ? ପ୍ରତ୍ୟେକ ମଣିଷ ତା' ଭିତରର ପିଲାପଣକୁ ବଚେଇ ରଖିବା ଦରକାର ଏବଂ ପ୍ରତିଦିନ ଅନ୍ତତଃ ଦୁଇ ମିନିଟ୍ ନିରୋଳାରେ ନିଜ ସହ ନିଜେ କଥା ହେବା ଆବଶ୍ୟକ ।

ଆମର ସମାଜ ଗୋଟେ ଗାର ପଡ଼ିଥିବା ଏକ୍ସରସାଇଜ୍ ଖାତା ପରି ଜୀବନ ଜିଇବାକୁ କହେ । ଭୁଲ୍ କରିବାର ଅଧିକାର ବିନା ନୂଆ କଥା ଅସମ୍ଭବ । (ରାଇଟ୍ ବ୍ରଦର୍ସ ଉଦାହରଣ) ଉଭଟ ପ୍ରଶ୍ନ ନ ପଚାରିଲେ କୌତୂହଳୀ ମନ ଶାନ୍ତ ହେବ ନାହିଁ । ସୃଜନଶୀଳ ମଣିଷ ଗୁଳାପକା ରାସ୍ତାରେ ଚାଲିବ ନାହିଁ । ଚାଲିପାରିବ ନାହିଁ । ସମାଜ ଏକଥା ବୁଝିବା ଉଚିତ । କାରଣ ନୂଆ ଚିନ୍ତା, ନୂଆ କଳ୍ପନା ଓ ନୂଆ ଆବିଷ୍କାର ବିନା ମଣିଷ ସଭ୍ୟତା ସ୍ଥାଣୁ ହୋଇଯିବ । ଅଥଚ ପିଲାଦିନୁ ସାମାନ୍ୟ ଭୁଲ୍ କରିବା ଯୋଗୁଁ ଆମକୁ ଏତେ ଶାସ୍ତି ଭୋଗିବାକୁ ପଡ଼ିଥାଏ ଯେ ବଡ଼ ହୋଇ ଆଉ ନୂଆ କରିବାର ସାହସ ଆମ ପାଖେ ନ ଥାଏ । ଆମେ ବୁଦ୍ଧିମାନ ହେଉ ସୃଜନଶୀଳ ନୁହେଁ । ବୁଦ୍ଧିମାନ ପାଖେ ଶକ୍ତି ଥାଏ, ମାତ୍ର ସୃଜନଶୀଳ ପାଖରେ ବିବେକ ଥାଏ, ଚେତନା ଥାଏ ।

ମଣିଷ ଗୋଟେ ଅଦ୍ଭୁତ ପ୍ରାଣୀ । ସେ ଶେଷ ପର୍ଯ୍ୟନ୍ତ ଜାଣିପାରେ ନାହିଁ ତା' ଭିତରେ କି କି ସଂଭାବନା ଅଛି । ଅନ୍ୟମାନେ ମଧ ତାହା ଜାଣିପାରନ୍ତି ନାହିଁ । ନା ଆମେ ନିଜକୁ ବୁଝିପାରୁ ନା ଅନ୍ୟମାନେ ଆମକୁ ବୁଝିପାରନ୍ତି । ବୁଝିବା ଓ ବୁଝେଇବା ଭିତରେ ଏ ସଂକ୍ଷିପ୍ତ ଜୀବନ ସରିଯାଏ । ଫଳରେ ଭଲ ଅଭିନେତା କେତେବେଳେ ହୁଏ ବସ୍ କଣ୍ଡକ୍ଟର, ଭଲ ଲେଖକ ହୁଏ ପୋଷ୍ଟ ଅଫିସ୍ କ୍ଲର୍କ । କ୍ୱଚିତ୍ କେହି ଅନ୍ତରଙ୍ଗ ବନ୍ଧୁ ଆମ ଭିତରର ନୂଆ ସମ୍ଭାବନାର ଝରକା ଖୋଲିଦିଅନ୍ତି । କେତେବେଳେ ହୁଏତ ମଣିଷ ନିଜକୁ





ନିଜେ ନୂଆ ଭାବେ ଆବିଷ୍କାର କରେ । ଆଉ କେତେବେଳେ ନୂଆ ପରିବେଶ, ନୂଆ ଘଟଣା ତା' ଭିତରେ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିଦିଏ ।

ସୁଧୀବର୍ଗ ! ମୁଁ ଜାଣେ ନାହିଁ; ଆପଣଙ୍କୁ ମୋର ବକ୍ତବ୍ୟ ଛୁଇଁପାରିଛି କି ନାହିଁ । ସବୁ ମଣିଷଙ୍କ ପରି ମୋର ମଧ ସୀମାବଦ୍ଧତା ଅଛି । ମୋର ଏହି ବକ୍ତବ୍ୟରେ ମୁଁ ଯାହା କହିବାକୁ ଚାହିଁଛି ତାହା ହେଲା- ଜୀବନର ମୂଳ ଲକ୍ଷ୍ୟ ଏକ ଅର୍ଥପୂର୍ଣ୍ଣ ଜୀବନ ଜିଇବା । ସେଥିପାଇଁ ଆମେ ସବୁ କଥା, ବିଚାର ଓ ମତବାଦ ପ୍ରତି ଉନ୍ମୁଖ ଓ ଉନ୍ମୁକ୍ତ ରହିବା ଦରକାର । ଆମେ ପ୍ରଶ୍ନ ପଚାରିବା ଦରକାର ଓ କୌଣସି କଥାକୁ ଶେଷ ସିଦ୍ଧାନ୍ତ ବୋଲି ଧରିନେବା ଉଚିତ ନୁହେଁ । ପିଲାଟି କିପରି ମୂଳରୁ ସମ୍ବେଦନଶୀଳ ଓ ସୃଜନଶୀଳ ହେବ ସେଥିପ୍ରତି ପରିବାର ଓ ଶିକ୍ଷାନୁଷ୍ଠାନ ଅଧିକଧ୍ୟାନ ଦେବା ଆବଶ୍ୟକ । ସଫଳତାର ପରିଭାଷା କେବଳ ଉପାର୍ଜନ ଯୋଗ୍ୟତା ନୁହେଁ ।

କୌତୂହଳୀ ମନ ଗୋଟେ ମଞ୍ଜି ପରି । ଆର୍ଦ୍ର ଓ ଉର୍ବର ମାଟିରେ ତାହା ପଡ଼ିଲେ ସେଥିରୁ ଅଙ୍କୁରୋଦ୍‌ଗମ ହୁଏ, ପଥର ଚଟାଣରେ ପଡ଼ିଲେ ତାହା ନଷ୍ଟ ହୋଇଯାଏ । ଭିଏତ୍‌ନାମ୍‌ର ବୌଦ୍ଧ ସନ୍ନ୍ୟାସୀ ଥଲେ ହାତ୍ ହାନ୍ କହିଥିଲେ, "ଯେତେ ଚିକ୍କଣ ଓ ସୁନ୍ଦର ହେଲେ ବି ମାର୍ବଲ ଉପରେ ପଦ୍ମ ଫୁଟି ପାରିବ ନାହିଁ, ଏଥିପାଇଁ ପଙ୍କର ପ୍ରୟୋଜନ । କେବଳ ମଞ୍ଜି ଓ ଉର୍ବର ମାଟି ଯଥେଷ୍ଟ ନୁହେଁ, ଏଥିପାଇଁ ସୂର୍ଯ୍ୟାଲୋକର ଉଷ୍ମତା ମଧ ପ୍ରୟୋଜନ ।" ଆମର ପରିବାର, ସମାଜ ଓ ଶିକ୍ଷାନୁଷ୍ଠାନ ସେହି ମାଟି, ପାଣି ଓ ଉଷ୍ମ ଆଲୋକ ଯୋଗାଇ ଦେବା ଆଶା କରାଯାଏ । ଧନ୍ୟବାଦ ।

—୦—



**କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ ସାହିତ୍ୟିକ**
**ଅନୁଭବ, ୩୭୮ ବରମୁଣ୍ଡା ଗାଁ**
**ଭୁବନେଶ୍ୱର- ୭୫୧୦୦୩**
**ମୋ: ୯୪୩୭୦୭୭୨୮୮**
gourahari60@gmail.com